ସୋହିନୀ

ଶ୍ରୀ ଶ୍ୟାମାଚରଣ ମୁଖୁର୍ଯି,

Digitized by PPRACHIN, SOA

ଉତ୍ସର୍ଗ ପତ୍ର ।

ପରମ ଶ୍ରଦ୍ଧାସ୍ପଦ ଶ୍ରୀଯୁକ୍ତ ବାବୁ ଶ୍ରୀ ପୀତବାସ ମହାନ୍ତି ବିଶାଖା-
ପଟଣା ଜିଲ୍ଲାସ୍ଥିତ ଜୟପୁର ମହାରାଜା ମାନ୍ୟବର ଶ୍ରୀଯୁକ୍ତ
ଶ୍ରୀ ବୀରବିକ୍ରମ ଦେବବର୍ମ୍ମା, କେ, ସି, ଆଇ, ଇ,
ମହୋଦୟଙ୍କର ପାର୍ଶ୍ୱ ପରିଷଦ ମହାଶୟ

ବନ୍ଧୁମାନନୀୟାନେଷୁ ।

ଯେ ବନ୍ଧୁ -ସଦ୍‌ଗୁଣସମ୍ପନ୍ନ ଓ ସାଧୁ-ଦରିଦ୍ର-ପ୍ରତିପାଳକ, ଯେ
ପରର ବ୍ୟଥାରେ ଅଶ୍ରୁତ୍ୟାଗ କରିଥାନ୍ତି, ଯେ ବ୍ୟଥିତର
ସହିତ ମିଷ୍ଟବାକ୍ୟ ବ୍ୟବହାର କରିଥାନ୍ତି, ଯେ ନିରାଶ୍ରୟ
ଅନାଥକୁ ଆଶ୍ରୟ ଦିଅନ୍ତି ଏବଂ ସେମାନଙ୍କର ଦୁଃଖ
ମୋଚନକଲେ ସଦା ସଚେଷ୍ଟ ଥାନ୍ତି, ଯେ
ବୈଷ୍ଣବଜୀବନର ଆଦର୍ଶସ୍ୱରୂପ ଓ ବୈଷ୍ଣବସେବା
ପରାୟଣ, ସେ ସଂସାରରେ ଆଦର୍ଶ ।
ମହାଶୟ ! ମୋହର କ୍ଷୁଦ୍ର ଉପହାର
"ମୋହିନୀ" ଉପନ୍ୟାସ ଖଣ୍ଡିକ
ଗ୍ରହଣ କରିବା ହେଉନ୍ତୁ,
ଐକାନ୍ତିକ ଭକ୍ତିର
ନିଦର୍ଶନ ସ୍ୱରୂପ ଅର୍ପଣ କଲି । ଇତି ।

ଜୟପୁର
କୁମାରପୂର୍ଣ୍ଣିମା
ସନ ୧୩୨୪ ସାଲ ।

ବିନୟାବନତ
ଶ୍ରୀ ଶ୍ୟାମାଚରଣ ମୁଖାର୍ଜି ।

Digitized by PPRACHIN, SOA

ଉପନ୍ୟାସ ।

ପ୍ରଥମ ପରିଚ୍ଛେଦ

ପରିଚୟ ।

ଅତି-ପ୍ରସ୍ଫୁଟିତ ଜ୍ୟୋତ୍ସ୍ନାଲୋକ । ଏହି ଜ୍ୟୋତ୍ସ୍ନାଲୋକରେ ଆକାଶର କ୍ଷୀଣପ୍ରଭ ତାରକାରାଜି ହସୁଅଛନ୍ତି । ଶ୍ୟାମଳବକ୍ଷର-ଶୋଭିତା ପ୍ରକୃତି ହସୁଅଛି । ସେହି ଜ୍ୟୋତ୍ସ୍ନାଲୋକ ନଦୀବକ୍ଷରେ ଦ୍ରୁତଗତି ତରଙ୍ଗଉପରେ ପଡ଼ି, ଶତଧାରେ ଶୀଘ୍ର ଚାଲିଯାଉଅଛି ।

ମୋହିନୀ ବାସ୍ତବରେ ହାସ୍ୟମୟୀ ! ସେ ଦିନ ଧରିତ୍ରୀବକ୍ଷେ ଅସୀମ ହାସ୍ୟର ଛଟା । ପ୍ରକୃତି ସୁନ୍ଦରୀ ହସୁଅଛି; ବିଟପୀ ହସୁଅଛି; ବାତାୟନ ବ୍ୟବଧାନେଲ୍ଲକ୍ଷିତ ପ୍ରଣୟୀଯୁଗଳ ହସୁଛନ୍ତି । ବୃକ୍ଷାନ୍ତରାଳେ-ଲ୍ଲକ୍ଷିତ କ୍ଷୁଦ୍ରକୁଟୀର ହସୁଅଛି । ବିଟପୀଶାଖାବହିର୍ଭୂତ ଗଗନ-ସ୍ପର୍ଶୀ ସୁଧାଧବଳ ଅଟ୍ଟାଳିକା ହସୁଅଛି । ଏହି ସୁନ୍ଦର ଶୋଭାମୟୀ ରଜନୀରେ କୃଷ୍ଣପୁରନିବାସୀ ଗୋଟିଏ କରୁଣ ବିଧବା ଅତି ବିଷଣ୍ଣ । ସେ ବିଧବା ସ୍ତ୍ରୀଟି ଅତି ପ୍ରାଚୀନା । ଗୋଟିଏ କୁଡ଼ିଆଘର କେବଳ ତାହାର ସମ୍ପତ୍ତି । ସେହି ଘରର ଚତୁର୍ଦ୍ଦିଗରେ ଅତି ସାମାନ୍ୟ ଧରଣର ଗୋଟିଏ ମାଟିର ପ୍ରାଚୀର । ବିଧବାର ଗୋଟିଏ ମାତ୍ର କନ୍ୟା ।

Digitized by PPRACHIN, SOA

କନ୍ୟାଟିର ନାମ ମୋହନୀ । ମୋହନୀ ବାସ୍ତବିକ୍ ମୋହନୀ ନାମର ସାର୍ଥକତା ରକ୍ଷା କରିଅଛି । ଆକାଶରେ ଏକଖଣ୍ଡ ମେଘ ଦେଖାଗଲା, କ୍ରମେ ତାହା ମେଘାଚ୍ଛନ୍ନ ହୋଇପଡ଼ିଲା । ପ୍ରକୃତିଦେବୀର ହାସ୍ୟମୟୀ-ମୂର୍ତ୍ତି ନବୀନନୀଳ କାଳିମାରେ ଅଚ୍ଛାଦିତ ହେଲା । ଆକାଶ ମେଘାଚ୍ଛନ୍ନ ଦେଖି ମାତା କହିଲେ—"ମା ମୋହନୀ ! ଗୁଣ୍ଡା ଘସିଗୁଡ଼ିକ ଉଠେଇ ନେଇଆ ମା, ନୋହିଲେ ରାତିରେ ଭାତ ଖାଇ ପାରିବା ନାହିଁ" । ମୋହନୀ କହିଲା—ବର୍ଷାରେ କି କେବଳ ଘସିଗୁଣ୍ଡା ଦେଇ ଭାତ ହବ; ଘରେ ଯେ ଚାଉଳ ନାହିଁ" । ମାତା କହିଲେ, ମାଣ୍ଡିଆ, କୋଳଥାଦି କି କିଛି ଜାଉ କରିବାପାଇଁ ନାହିଁ ? ମୋହନୀ କହିଲା—ମା ଗଣ୍ଡିଏ କୋଳଥ ଚୂନା ଅଛି, ଜଣେ ମନୁଷ୍ୟର କଷ୍ଟରେ ସହିତ ଓଳିଏ ଯାଇପାରେ । ଏହା କହି ମୋହନୀ ଘସି ଆଣିବାକୁ ଗଲା, ତାହାର ଘସି ଅଣିବା ଶେଷ ନ ହେଉଣୁ, ଅତି ବୃଷ୍ଟିର ଆରମ୍ଭହେଲା, ଆଉ ତାହା ସଙ୍ଗେ ୨ ପ୍ରବଳ ତୋଫାନ ଆସି ମଧ୍ୟ ପହଞ୍ଚିଲା । ଏହା ଦ୍ୱାରା ମୋହନୀ ଅସ୍ଥିର ହୋଇ ପଡ଼ିଲା ଏବଂ ତାହା ପରେ ସେ ବଡ଼ କଷ୍ଟପାଇ କୁନ୍ଦଦନ୍ତରେ ଅଧର କାମୁଡ଼ି ଦକ୍ଷିଣ ହସ୍ତରେ ପରିଧେୟ ବସ୍ତ୍ର ଟାଣିଧରି ଘସି ଟୋକାଇ କାଖେଇ ଏକଦୌଡ଼ରେ ପିଣ୍ଡାରେ ପହଞ୍ଚିଲା । ଏହି ଅବସରରେ ଦୁଷ୍ଟ ପବନ ତାହାର ଅସଂଯତ କୁନ୍ତଳ ଖୋଲିଦେଲା । ମୋହନୀର ଭ୍ରମରକୃଷ୍ଣଗଞ୍ଜିତ କେଶରାଶି ସେହି ନିବିଡ଼ନିତମ୍ବ ପ୍ରଦେଶ ଅତିକ୍ରମ କରି ରକ୍ତିମ-ରାଗ ରଞ୍ଜିତ ପଦଯୁଗଳ ଚୁମ୍ବନ କଲା । ଏହି ବୃଷ୍ଟି ସମୟରେ ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ ହୋଇ ଦୌଡ଼ିକରି ଗୋଟିଏ ଯୁବକ ମଧ୍ୟ ତାହାଙ୍କର ପ୍ରାଙ୍ଗଣରେ ଉପସ୍ଥିତ ହେଲା । ଯୁବକର ହସ୍ତରେ ଏକଖଣ୍ଡ ଶିଙ୍ଗର ବାଡ଼ି । ପରିଧେୟ ସୁନ୍ଦର ଗରଦର ଧୋତି ଏବଂ ଦେହରେ ଗୋଟିଏ ଗରଦର କୋଟ୍ ଜଳରେ ଭିଜି ଶରୀରରେ ଘନିଷ୍ଠ ସଂଲଗ୍ନ ହୋଇ ଯାଇଅଛି । ମୋହନୀ ପିଣ୍ଡା ମଝାରେ ଘସି ରଖୁ ରଖୁ ଯୁବକର

Digitized by PPRACHIN, SOA

ଆଗମନ ଦେଖି ଶୀଘ୍ର ଗତିରେ ଗୃହ ମଧ୍ୟରେ ପ୍ରବେଶ କଲା । ମୋହନୀର ମାତା ଯୁବକଙ୍କୁ ଦେଖି ଶୀଘ୍ର ଗୃହ ମଧ୍ୟରୁ ନିଷ୍କ୍ରାନ୍ତ ହୋଇ ତାହାଙ୍କୁ ଯଥୋପଯୁକ୍ତ କୃତଜ୍ଞତା ଜଣାଇ କହିଲେ,—

"ବାପ ତୁମ୍ଭେ ଯେ ଭିକ ଯାଇଛ ?"

ଯୁବକ—କଟକ ଅଞ୍ଚଳେ କୌଣସି କାର୍ଯ୍ୟବଶତଃ ଯାଇଥିଲି, କିଏ ଜାଣେ ଯେ ଏପରି ଦୁର୍ଘଟନା ଘଟିବ ।

ଯୁବକ ନଳକଣ୍ଠବର୍ତ୍ତୀ ବସନ୍ତପୁର ଗ୍ରାମର ପ୍ରଧାନ ଜମିଦାର ପୁତ୍ର; ଏହି କୃଷ୍ଣପୁର ଗ୍ରାମଟି ମଧ୍ୟ ତାଙ୍କର ଇଲାକାଅନ୍ତର୍ଭୁକ୍ତ ଅଟେ । ତାଙ୍କରେ କରଣ ନାମ ଦେବ୍ୟସିଂହ । ବସନ୍ତପୁର ମଧ୍ୟ ତାହାଙ୍କର ଜମିଦାରୀ । ଦେବ୍ୟସିଂହ ଉକ୍ତ ଗ୍ରାମର ଗୋପୀନାଥ ମହାନ୍ତିଙ୍କର ଏକମାତ୍ର ପୁତ୍ର ଅଟନ୍ତି । ସେ ଏପର୍ଯ୍ୟନ୍ତ ଦ୍ୱାବିଂଶ ବର୍ଷକୁ ଅତିକ୍ରମ କରି ନାହାନ୍ତି ଏବଂ ଦେଖିବାକୁ ରୂପବାନ୍ ସୁପୁରୁଷ ଅଟନ୍ତି ।

କୃଷ୍ଣପୁର ମୌଜାରେ ଗୋପୀନାଥ ମହାନ୍ତିଙ୍କର ଜମିଦାରୀ ତହସିଲ ଅଡ୍ଡାଅଛି । ସେଠାରେ ଜଣେ ଖଜଣା ଅଦାୟକାରୀ ତହସିଲଦାର ବାସକରନ୍ତି । ଦେବ୍ୟସିଂହ ବାବୁ ସାମୟିକ କଚେରୀ ତଦନ୍ତ ନିମିତ୍ତ ଆସି, ଅଦାୟ ସମ୍ବନ୍ଧରେ ତହସିଲଦାରଙ୍କୁ ଉପଦେଶ ଦେଉଥାନ୍ତି । ମୋହନୀର ମାତା ଅତ୍ୟନ୍ତ ବ୍ୟସ୍ତ ହୋଇ ପଡିଲେ କାରଣ ଜମିଦାର ପୁତ୍ର ଦେବ୍ୟସିଂହ ଆର୍ଦ୍ରବସ୍ତ୍ରରେ ଛିଡା ହୋଇ ରହିଲେ । ବୃଦ୍ଧାର ଏପରି ସଙ୍ଗତି ନ ଥିଲା ଯେ ଜମିଦାର ପୁତ୍ର ଦେବ୍ୟସିଂହଙ୍କୁ ଏକଖଣ୍ଡ ଲୁଗା ପିନ୍ଧିବାକୁ ଦେବେ । ଏହାର ପ୍ରତିକାର କୌଣସି ଉପାୟ ନ ଦେଖି ଅତି କାତର କଣ୍ଠରେ କହିଲେ "ବାବୁ, ତୁମ୍ଭେ କି ଏହି ଓଦାଲୁଗାରେ ଛିଡା ହୋଇ ରହିବ ? ମୁଁ ଅତି ଦରିଦ୍ରା ମୋହର ଘରେ ଖଣ୍ଡେ ମାତ୍ର ଲୁଗା ନାହିଁ, ଯାହା ତୁମ୍ଭଙ୍କୁ ପିନ୍ଧିବାକୁ ଦେବି ।" ଦେବ୍ୟସିଂହ ବାବୁ ବିନୀତଭାବେ ଉତ୍ତର

Digitized by PPRACHIN, SOA

କଲେ,—ନା, ନା, ମୋହର ଲୁଗାର ଅବଶ୍ୟକ ନାହିଁ; ଟିକିଏ ବୃଷ୍ଟି ଛାଡ଼ିଗଲେ ମୁଁ କଚେରୀ ଘରକୁ ଚାଲିଯିବି, ଅଯଥା ଏତେ ବ୍ୟସ୍ତ ହେଉନ୍ତୁ ନାହିଁ । ମାତା କହିଲେ,—"ବାପ, ମୋହର ଅତି ସୌଭାଗ୍ୟ ଯେ ତୁମ୍ଭେ ମୋହର କୁଟୀରରେ ପଦାର୍ପଣ କରିଅଛ । କିନ୍ତୁ ମୁଁ ଅତି ହତଭାଗିନୀ ଯେ, ତୁମ୍ଭଙ୍କୁ ଖଣ୍ଡିଏ ଶୁଖିଲା ଲୁଗା ପିନ୍ଧିବାକୁ ଦେଇ ପାରିଲି ନାହିଁ" । ଏହି ସମୟରେ ଦିବ୍ୟସିଂହ ବାବୁଙ୍କର ଚକ୍ଷୁ ଗୃହ ମଧ୍ୟରେ ପତିତ ହେଲା । ଦିବ୍ୟସିଂହ ଦେଖିଲେ ଗୃହ ମଧ୍ୟରେ ଗୋଲାପ ଫୁଲର ତୋଡ଼ା ପରି ଅତୁଳ ସୌନ୍ଦର୍ଯ୍ୟଶାଳିନୀ ଗୋଟିଏ କନ୍ୟା ।

ଏ ଜଗତରେ ସୌନ୍ଦର୍ଯ୍ୟ ଦର୍ଶନ ପ୍ରୟାସୀ କିଏ ନୁହେଁ ? ତୁମ୍ଭେ ହୁଏତ ତୁମ୍ଭର ପ୍ରଣୟିନୀର ରକ୍ତିମ-ଗଣ୍ଡ ଥରକୁଥର ଦେଖି ତୃପ୍ତି ପାଅନାହିଁ,—ଯେତେ ଦେଖ ଦେଖିବାର ବାସନା ତେତେ ବଳବତୀ ହୁଏ । ମୁଁ ଏହି ସୁନିର୍ମଳ ଚନ୍ଦ୍ର-ତାରା-ବିମଣ୍ଡିତ ନୈଶ ଗଗନ ଦେଖିବାକୁ ଭଲପାଏ । ତୁମ୍ଭେ ହୁଏତ କୁମୁଦକମଳାଦି ପ୍ରସ୍ଫୁଟିତ ସ୍ୱଚ୍ଛନୀର ପୁଷ୍କରିଣୀ ଦେଖିବାକୁ ଭଲପାଅ । ଏହି କାରଣମାନଙ୍କରୁ କହୁଅଛୁ ଯେ କିଏ ସୌନ୍ଦର୍ଯ୍ୟ ମୁଗ୍ଧ ନୁହେଁ ? ଦିବ୍ୟସିଂହ ଥରେ ଯେ ସୌନ୍ଦର୍ଯ୍ୟରାଶି ଅବଲୋକନ କଲେ—ତାହା ଆଉଥରେ ନ ଦେଖି କି ସ୍ଥିର ଥାଇ ପାରନ୍ତି ? ସେ ପୁନର୍ବାର ଚାହିଁଲେ, ଏଥର ଦେଖିଲେ ଯେ ମୋହିନୀ ଏକଦୃଷ୍ଟିରେ ତାହାରଆଡ଼େ ଅନାଇଅଛି, ସେ ଚାହିଁଲା ମାତ୍ରେ ଚାରି ଚକ୍ଷୁର ସମ୍ମିଳନ ହେଲା । ଚକ୍ଷୁରକ୍ଷ ମିଳନରେ କି ଏକ ନୂତନ ଭାବର ସୃଷ୍ଟି ହେଲା । ଉଭୟର ପ୍ରାଣ-ମଧ୍ୟରେ ଗୋଟିଏ ଭୟାବହ ବୈଦ୍ୟୁତିକ କାଣ୍ଡ ସଂଘଟନ ହୋଇଗଲା । ଉଭୟେ ଚକ୍ଷୁ ଫେରାଇ ନେଲେ ।

ଅନେକ ସମୟ ଅତି ବାହିତ ହେଲା,—ଏହି ସମୟ ମଧ୍ୟରେ ଅନେକଥର ଉଭୟେ କୌଶଳସହିତ ଦୃଷ୍ଟି ସଞ୍ଚାଳନ କରି

Digitized by PPRACHIN, SOA

ପରସ୍ପରର ଅନୁଗ୍ରହ ଦେଖିଥିଲେ । କିନ୍ତୁ ଅନେକ ସମୟରେ ପୁଣି ସେମାନଙ୍କର ଚକ୍ଷୁ ସମ୍ମିଳିତ ହେଉ । ଏଥିର ଉଭୟେ କାତର, ଉଭୟେ ଅଶାପ୍ରାର୍ଥୀ । ଏପରି କାହିଁକି ହେଲା ? ଅନେକ ଲୋକ ଅନେକ ଲୋକ ଅଛେ ବିଶେଷ ସମୟରେ ଗୃହାନ୍ତ, କିନ୍ତୁ ସମୟ-ସମୟରେ ଏତେ କାତର ହେବାପାଇଁ ହୁଏ କାହିଁକି ? କ୍ୱଚିତ୍ ସ୍ତ୍ରୀ ପୁରୁଷ ମଧ୍ୟରେ ଏପରି ଘଟେ କାହିଁକି ?

ମନୁଷ୍ୟର ଚକ୍ଷୁ ଓ ବଦନ ଦ୍ୱାରା ଅନ୍ତର୍ନିହିତ ତଡ଼ିତ କମ୍ବା ଚୁମ୍ବକ ନିର୍ଗତ ହୁଏ । ଦୁଇଟି ବିପରୀତ ଭାବାପନ୍ନ କାର୍ଯ୍ୟପାଇଁ ଏହି ତଡିତ ଦୁଇ ଜାତୀୟ ହୋଇଥାଏ । ଇଂରାଜୀରେ ଏହାକୁ "ପଜିଟିଭ୍ ଇଲେକ୍ଟ୍ରି-ସିଟି" ଓ "ନେଗେଟିଭ୍ ଇଲେକଟ୍ରୀ ସିଟି" କହନ୍ତି । ନାନାକାରଣ ଅନୁସନ୍ଧାନ ଦ୍ୱାରା ପଣ୍ଡିତମାନେ ଏହାକୁ ସମ ତଡିତ ଓ ବିଷମ ତଡିତ ଆଖ୍ୟା ପ୍ରଦାନ କରିଅଛନ୍ତି । ଏହି ସମ ତଡ଼ିତ ବିଷମ ତଡ଼ିତକୁ ଆକର୍ଷଣ କରେ ଓ ବିଷମ ତଡିତ ସମ ତଡିତକୁ ଆକର୍ଷଣ କରେ । ଚୁମ୍ବକ ମଧ୍ୟ ଠିକ ତଦ୍ରୂପ । ମନୁଷ୍ୟମାନଙ୍କର ଚକ୍ଷୁ ଓ ମୁଖ ଦେଇ ସର୍ବଦା ଏହି ତଡ଼ିତ ବହିର୍ଗତ ହୁଏ, କିନ୍ତୁ ସମୁଦାୟ ମାନବଶରୀରରୁ ଏକଜାତୀୟ ନୁହେଁ,—କେଉଁଠି ସମ, କେଉଁ-ଠାରେ ବା ବିଷମ ତଡ଼ିତ ନିର୍ଗତ ହୁଏ । ତାହା ସେହି ଜାତୀୟ ତଡ଼ିତ ସହିତ ମିଳିତ ହୁଏ ଏବଂ ତାହା ଦ୍ୱାରା ଆକୃଷ୍ଟ ହୋଇ-ପଡ଼େ ।

ଦିବ୍ୟସିଂହ ଏତେ ଶାସ୍ତ୍ର କଥା ଜାଣି ନାହିଁ, ତାହା ଜାଣେନା । କିନ୍ତୁ ତାହାର ଅନ୍ତଃକରଣରେ ଏକପ୍ରକାର ନୂତନ ଭାବର ସଞ୍ଚାର ହେଲା । ସେ ସେତେବେଳେ ମୋହିନୀର ମାତାର ସହିତ କଥୋପକଥନ ଆରମ୍ଭକଲେ । କହିଲେ,—"ଆପଣଙ୍କର ପୁତ୍ର ଅଛନ୍ତି ?" ମାତା-ବାପ ! ପୁଅ କେଉଁଠୁ ପାଇବି ? କେବଳ ଏହି ଗୋଟିଏ ମାତ୍ର କନ୍ୟା । ଦିବ୍ୟସିଂହ—ତେବେ ଆଉ କିଏ ଅଛି ? ମାତା—ଆଉ କେହି

Digitized by PPRACHIN, SOA

ନାହିଁ, ମୁଁ ଏବଂ ମୋହର କନ୍ୟା । ଦିବ୍ୟସିଂହ—ତେବେ ଆପଣ-ମାନେ କିପରି ଚଳନ୍ତି ? ମାତା—ଚଳିବାର କୌଣସି ଉପାୟ ନାହିଁ କେବଳ ଭଗବାନଙ୍କ ଉପରେ ନିର୍ଭର କରି ଚଳୁଁ । ଅତି ସାମାନ୍ୟ ଖରଚ ପତ୍ର ପାଇଁ ଘର, ଗୃହ୍ୟାଦି ବନ୍ଧକ ଦେଇ ଯାହା କିଛି ହୁଏ ସେଥିରେ ଦୁଃଖେ କଷ୍ଟେ ଏକବେଳା ଅହାରକରି କୌଣସିଦିନ ବା ଉପବାସ କରି କାଳକ୍ଷେପଣ କରୁଁ ।

ଦିବ୍ୟସିଂହ—ଘରଭିତରେ ସେଇଟିକି ଆପଣଙ୍କର କନ୍ୟା ?

ମାତା—ହଁ ବାବୁ, ସେହିଟି ମୋହର କନ୍ୟା । ଦିବ୍ୟସିଂହ—ତାହାଙ୍କର କେଉଁସ୍ଥାନରେ ବିବାହ ହୋଇଅଛି ? ମାତା—ଏପର୍ଯ୍ୟନ୍ତ ତାହାର ବିବାହ ହୋଇନାହିଁ । କନ୍ୟାଟିକୁ ମୋହର ପଞ୍ଚଦଶବର୍ଷ ବୟସ ହେଲା, ଏପର୍ଯ୍ୟନ୍ତ ତାହାର ବିବାହର କୌଣସି ଉଦ୍‌ଯୋଗ କରି ପାରିନାହିଁ । ସେ ସମସ୍ତ ଈଶ୍ୱରଙ୍କର ଦୟା ଉପରେ ନିର୍ଭର କରେ । ଦିବ୍ୟସିଂହ—ଏପରି ଗୋଟିଏ ସ୍ଥାନ ଦେଖି କନ୍ୟାଟିର ବିବାହ ଦେଉନ୍ତୁ, ଯେଉଁ ସ୍ଥାନରେ କି ଆପଣଙ୍କର ଜୀବନଯାତ୍ରା ନିର୍ବାହ ହୋଇପାରିବ ।

ମାତା—ନା ବତ୍ସ, ମୋହର ସେପରି ଇଚ୍ଛାନୁହେଁ । ମୋହର ଏପରି ସମ୍ପତ୍ତି ନାହିଁ ଯେ ସାନ୍ତ ମର୍ଯ୍ୟାଦା ଦେଇ ଗୋଟିଏ ସୁଯୋଗ୍ୟ ପାତ୍ର ଏବଂ ଧର୍ମଘରେ ତାହାର ବିଧିମତେ ବିବାହ ଦେଇ ପାରିବି, ଆଜକାଲି ସମସ୍ତେ ଅର୍ଥର ଅଧୀନ, ଗୁଣ ଦେଖିବାର ଲୋକ ପୃଥି-ବୀରେ ବିରଳ କହିଲେ ଚଳେ, କିନ୍ତୁ କନ୍ୟାଟି ମୋହର ଅତି ଗୁଣବତୀ, ମୋହର ଆର୍ଥିକ ଅବସ୍ଥା ମନ୍ଦ ଯୋଗେ ତାହାକୁ ଗୋଟିଏ ମୂର୍ଖ ହସ୍ତରେ ସମର୍ପଣ କରିବାକୁ ବାଧ୍ୟ ହେବ ।

ଦିବ୍ୟସିଂହ—ବିବାହର ସମୟ ଉତ୍ତୀର୍ଣ୍ଣ ହୋଇଅଛି, ଶୀଘ୍ର ଗୋଟିଏ ଯୋଗ୍ୟପାତ୍ର ଦେଖି ଆପଣଙ୍କର କନ୍ୟାଟି ସମର୍ପଣ କରି-ବାକୁ ଉଦ୍‌ଯୋଗ କରନ୍ତୁ । ମାତା—ମୁଁ ସର୍ବଦା ସେହି ଭାବନା

Digitized by PPRACHIN, SOA

କରଥାଏ, କିନ୍ତୁ ଭଲ ପାଦରେ ଦେବାକୁ ହେଲେ ବହୁତ ଅର୍ଥର ଦରକାର, ତାହା ମୁଁ କେଉଁଠାରୁ ପାଇବ ।

ଦିବ୍ୟସିଂହ—ଏପରି ଅପୂର୍ବସୁନ୍ଦରୀ କନ୍ୟାର ବିବାହ ଦେବାକୁ ହେଲେ କି ଟଙ୍କାର ପ୍ରୟୋଜନ ହୁଏ ? ମୋହିନୀ ଏହି କଥାଟି ଶୁଣି ମନେ ମନେ ବଡ଼ ଲଜ୍ଜିତା ହୋଇ ଗୃହର ଗୋଟିଏ କୋଣରେ ଯାଇ ବସିଲା, ଯେଉଁ ସ୍ଥାନଟି ଦିବ୍ୟସିଂହଙ୍କର ଦୃଷ୍ଟିର ବହିର୍ଭୂତ ଅଟେ ।

ତତ୍ପରେ ବୃଷ୍ଟି ବନ୍ଦ ହୋଇଗଲା, କ୍ରମେ ଆକାଶ ପରିଷ୍କାର ଦେଖି ଦିବ୍ୟସିଂହ ହସ୍ତାନ୍ତ ହେବାର ପ୍ରାର୍ଥନା କରି ବୃଦ୍ଧାଙ୍କ ନିକଟରୁ ବିଦାୟ ହେଲେ ଏବଂ ଯିବାସମୟରେ କହିଗଲେ ଯେ ମୁଁ ପୁଣି ଅବକାଶ ପାଇ ଆସି ଆପଣଙ୍କର କନ୍ୟାଟିର ବିବାହ ବିଷୟକ ପ୍ରସ୍ତାବ କରିବ ।

ଦିବ୍ୟସିଂହ ଯିବା ସମୟରେ ବୃଦ୍ଧା ଅତ୍ୟନ୍ତ କୃତଜ୍ଞତା ଜଣାଇ କହିଲେ; ତୁମ୍ଭେ ଗରିବର ରକ୍ଷାକର୍ତ୍ତା ଅଟ, ଯଦି ଦୟାକର ତେବେ କୃତାର୍ଥ ହେବ । ଦିବ୍ୟସିଂହ ଆଉ କୌଣସି ଉତ୍ତର ନ ଦେଇ ଚାଲି-ଗଲେ, ତାଙ୍କର ଯିବାପରେ ମୋହିନୀ ବାହାରକୁ ଆସି ମାଙ୍କୁ ପଚା-ରିଲେ, ମା ସେ କିଏ ଆସିଥିଲେକ ? ତାହାଙ୍କୁ ଜାଣୁନା, ସେ ଅମୃର ଜମିଦାରଙ୍କ ପୁଅ ଦିବ୍ୟସିଂହ ବାବୁ ।

ମୋହିନୀ ଆଉ କୌଣସି ଉତ୍ତର ନ ଦେଇ ଘର ଭିତରେ ଯାଇ ଦେଖିଲା ଯେ ମାଠିଆ ଭିତରେ ଯେ କୋଳଥ ଚୂନା ଥିଲା, ତାହା ତାଲିଯାଇ ବର୍ଷାଜଳରେ ଧୋଇ ଯାଇଅଛି । ତତ୍କ୍ଷଣାତ୍ ତାହାର ମାତା ବାହାରରୁ କହିଲା-"ମୋହିନୀ ଶୀଘ୍ର ଯାଇ ସେ କୋଳଥ ଚୂନାକୁ କିଛି କର, ଖାଇବୁ ନାହିଁକି" ? ମୋହିନୀ କହିଲା "ମା, ସେ ସମସ୍ତ ବୃଷ୍ଟି ଜଳରେ ନଷ୍ଟ ହୋଇ ଯାଇଛି" । ମାତା-ତାହାରେ ଉପାୟ କଅଣ ? କଅଣ ଖାଇବୁ ? ମୋହିନୀ-ଆଉ ଉପାୟ କିଛି ନାହିଁ, ଉପାୟ ଉପବାସ । ଆଜି ତୁମ୍ଭର ଚିନ୍ତା କରିବାର ଦରକାର

Digitized by PPRACHIN, SOA

ନାହିଁ । ଈଶ୍ୱରଙ୍କର ଯାହା ଅଭିପ୍ରାୟ ଥିଲା, ତାହା ହୋଇଅଛି । ମୋହନୀର ମାତା ଶୁଣି ଅତ୍ୟନ୍ତ ଦୁଃଖିତ ହେଲେ ।

"ରେ ଦରିଦ୍ରତା ! ଏ ଜଗତରେ ତୁ ଯେପରି ମାନବକୁ ଦଗ୍ଧ କରିବାକୁ ସକ୍ଷମ, ତୋହର କରାଳକବଳ ଯେତେ ଦୂର ଭୟପ୍ରଦ ଅଉ ସେପରି କେହି ନୁହନ୍ତି ।"

ଆଉ କୌଣସି ଉପାୟ ନ ଦେଖି ମୋହନୀ ଏବଂ ତାହାର ମାତା ଦୁଇଜଣ ଯାକ ଉପବାସରେ ଶୟନ କରି ରହିଲେ; କ୍ରମେ-ନିଦ୍ରାଦେବୀ ତାହାଙ୍କୁ ତାହାଙ୍କର ଶାନ୍ତିମୟ କୋଡ଼ରେ ଆଶ୍ରୟ ପ୍ରଦାନ କଲେ ।

ଦ୍ୱିତୀୟ ପରିଚ୍ଛେଦ ।

ମନରଗଁଠି ।

ଦିବ୍ୟସିଂହ ଅଟ୍ଟାଳିକାରେ ଉପସ୍ଥିତ ହୋଇ ଅଙ୍ଗବସ୍ତ୍ର ପରିବର୍ତ୍ତନ କଲେ । ତତ୍ପରେ ହସ୍ତପଦାଦି ପ୍ରକ୍ଷାଳନ କରି, ମାଳ ଦେଇ ଜପ କରିବାକୁ ବସିଲେ । ସନ୍ଧ୍ୟାଆହ୍ନିକ ସମାପନ କରି ଦିବ୍ୟସିଂହ କଚେରି ବାରଣ୍ଡାରେ ଅରାମଚୌକି ଉପରେ ବସି ବିଶ୍ରାମ ନେବାକୁ ଲାଗିଲେ, ଏଅନ୍ତେ ଆହାରୀୟ ସାମଗ୍ରୀ ପ୍ରସ୍ତୁତ କରି ପାଚକ ତାହାଙ୍କୁ ଭୋଜନ ନିମନ୍ତେ ଆହ୍ୱାନ କଲା । ସେ ଆହାରାଦି ଶେଷ କରି ଆସି ଦେଖିଲେ ଯେ ରାତ୍ରି ପ୍ରାୟ ଦଶ ଘଣ୍ଟା ହୋଇଅଛି । ତତ୍କ୍ଷଣାତ୍ ଶଯ୍ୟାରେ ଶୟନ କରି ରହିଲେ । ଶୟନ କରି ଭାବିବାକୁ ଲାଗିଲେ,— ଏପରି ସୁନ୍ଦର ସ୍ତ୍ରୀ କେବେହେଁ ମୋହର ଦୃଷ୍ଟିପଥାରୂଢ଼ ହୋଇନାହିଁ । ଆହା ! ପ୍ରେମାନନ୍ଦ ରୂପିଣୀ କମଳାନନେ ! ବାସ୍ତବିକ ଭାଗ୍ୟବାନ

Digitized by PPRACHIN, SOA

ପୁରୁଷ ନମିତ୍ତ ବିଧାତା ତୁମ୍ଭର ସୃଷ୍ଟି କରିଅଛନ୍ତି ! ଏହିପରି ଚିନ୍ତା କରୁ କରୁ କ୍ରମେ ଜିତେନ୍ଦ୍ରଙ୍କର ହୃଦୟ ପ୍ରେମ ବିହ୍ୱଳ ହୋଇ ପଡ଼ିଲେ । ସେ ସମ୍ମୁଖରେ ଦେଖିଲେ କେବଳ ମୋହିନୀ ପ୍ରତିମା; ଅନ୍ତର ମଧ୍ୟରେ ଦେଖିଲେ କେବଳ ସେହି ପ୍ରେମମୟୀ ମୂର୍ତ୍ତି କମଳପ୍ରତିମା ମୋହିନୀ ରାଜରାଜେଶ୍ୱରୀ ମୂର୍ତ୍ତି ଧାରଣ କରି ତାହାଙ୍କର ହୃଦୟରାଜ୍ୟରେ ଅଧି-ପତ୍ୟ ବିସ୍ତାର କରୁଅଛି । ସେହି ପବିତ୍ର ମୁଖମଣ୍ଡଳ-ସେହି ସସ୍ମିତ-ବଦନ, ସେହି ଓଷ୍ଠାଧର ପ୍ରାନ୍ତରେ ମୃଦୁବିଳସ୍ୱୀ ପ୍ରେମମୟ ହାସ୍ୟ, ସେହି ସରଳ ପ୍ରେମପୂର୍ଣ୍ଣ, ଅସ୍ଥିର, ଇନ୍ଦିବର ଲୋଚନ, ତାହାର ବାହ୍ୟ ଓ ଅନ୍ତରସ୍ଥ ଜ୍ଞାନକୁ ତନ୍ମୟ କରି ପକାଇଲା ।

ପୁନର୍ବାର ଭାବନା ଆସିଲା; ଆହା ! ସେମାନେ ଅତି ଦରିଦ୍ର; କେଉଁ ଦିନ ଖାଇବାକୁ ପାଆନ୍ତି କେଉଁ ଦିନ ଅବା ପାଆନ୍ତି ନାହିଁ । ବିଧାତା ଏତେ କଷ୍ଟ ସହିବା ପାଇଁ କି ଏପରି ଲାବଣ୍ୟମୟୀ ଲଳନାର ସୃଷ୍ଟି କରିଅଛନ୍ତି । ଦରିଦ୍ରଘରେ ଏପରି କୋମଳ କମନୀୟକାନ୍ତି କନ୍ୟାର ଜନ୍ମ ଦିଅନ୍ତି, ଧନୀ ଘରେ କି ତାହା ହୁଏ ନାହିଁ ? ତାହାକୁ କଷ୍ଟ ଦେବା ଅଭିପ୍ରାୟରେ ବିଧାତା କେବେହେଁ ଜନ୍ମ ଦେଇ ନାହାନ୍ତି; ନିଶ୍ଚୟ କୌଣସି ଧନୀର ଅଙ୍କବାସିନୀ କରିବାର ତାହାଙ୍କର ଇଚ୍ଛା । ହେ ଦୟାମୟ ! ଯଦି ତୁମ୍ଭର ଇଚ୍ଛାଥାଏ, ତାହାହେଲେ ମୁଁ ନିଶ୍ଚୟ ସେହି ବରାଙ୍ଗନାକୁ ଲାଭ କରି ପାରିବି; ମୁଁ ଯେତେଦୂର ଜାଣେ ଏଥିରେ ତାହାର ମାତା କେବେହେଁ ଅସ୍ୱୀକାର କରିବ ନାହିଁ । ହେ ଅନ୍ତର୍ଯ୍ୟାମୀ ! ମୋହର ଅନ୍ତରର ଭାବ ହୃଦୟଙ୍ଗମ କରି ମୋହର ପିତାଙ୍କୁ ଥରେ ଉକ୍ତ କନ୍ୟା ଦେଖାଇ ଦିଅ; ତେବେ ମୋହର ପିତା ନିଶ୍ଚୟ ତାହାସହିତ ମୋହର ବିବାହ ଦେବେ । ଆପତ୍ତିର କାରଣ କିଛି ନାହିଁ, କେବଳ ଗରିବର କନ୍ୟା ବୋଲି ଯାହା ଆପତ୍ତି କରି-ପାରନ୍ତି । ପିତାଙ୍କର ଧନର ଅଭାବ ନାହିଁ । ଯାହାକୁ ନେଇ ମୁଁ ଆଜୀବନ ସହବାସ କରିବି ଏବଂ ଯେ ମୋହର ଅର୍ଦ୍ଧାଙ୍ଗିନୀ ହେବ,

Digitized by PPRACHIN, SOA

ସେ ଯଦି ମୋହର ମନୋମତ ହୁଏ, ତେବେ ସେଥିରେ ପିତାଙ୍କର ଆପତ୍ତି କରିବାର ପ୍ରୟୋଜନ କଅଣ ? ଏହିପରି ଚିନ୍ତାରେ ଦିବ୍ୟ-ସିଂହଙ୍କର ମନରେ ଶୃଙ୍ଖଳା ଆସିଲା । ସୁତରାଂ ନିଦ୍ରା ଆଉ ହେଲା ନାହିଁ । କ୍ରମେ ଊଷାର ଆଗମନ ବାର୍ତ୍ତା ଜଗତରେ ଘୋଷିତ ହେବାକୁ ଲାଗିଲା । ସେହି ସମୟରେ ଦିବ୍ୟସିଂହ ଦେଖିଲେ ଯେ ସେହି ଗ୍ରାମରେ ତେତେବେଳ ପର୍ଯ୍ୟନ୍ତ କେହି ଶଯ୍ୟାତ୍ୟାଗ କରି ନାହାନ୍ତି । ସେହି ସମୟରେ ଊଷା ଅର୍ଦ୍ଧୋନ୍ମୁକ୍ତ ଅବଗୁଣ୍ଠନମଧ୍ୟରେ ସଙ୍ଗିନୀ କମଳିନୀଙ୍କୁ ଦେଖୁଅଛି ଏବଂ ତାହାର ଆଗମନରେ କମଳିନୀ ଅତ୍ୟନ୍ତ ସୁଖୀ ହୋଇ ହସୁଅଛି । ଏହି ସମୟରେ ଦିବ୍ୟସିଂହ ଶଯ୍ୟା-ତ୍ୟାଗ କରି ପ୍ରାତଃକାଳୀନ ଭ୍ରମଣୋଦ୍ଦେଶ୍ୟରେ ବହିର୍ଗତ ହେଲେ । ଦୁଇ ଘଣ୍ଟା ଭ୍ରମଣ ପରେ କଚେରୀରେ ଆସି ନିଜର ଦନ୍ତ ଧାବନାଦି କାର୍ଯ୍ୟ ସମାପନ କଲେ । ଗତରାତ୍ରରେ ସେହି ଦରିଦ୍ରାର କଷ୍ଟ କଥା ଭାଳି ତାହାକୁ କିଛି ସାହାଯ୍ୟ କରିବା ଉଦ୍ଦେଶ୍ୟରେ ନିଜର ଖମାର ଘରୁ ଏକ ବସ୍ତା ଚାଉଳ, ବଗିଚାରୁ ପରିବା ଆଦି ଏବଂ କିଛି ହରଡ଼ ତାହାର କରାଇ ଗୋଟିଏ ସ୍ଥାନରେ ରଖାଇଲେ । ସ୍ନାନ ଉଦ୍ଦେଶ୍ୟରେ ଅଙ୍ଗରେ ତେଲ ବୋଳି ଯାଇ କାନଦୀକୁ ବହିର୍ଗତ ହେଲେ; ଯେ ପ୍ରତ୍ୟହ କେନାଲରେ ସ୍ନାନ କରନ୍ତି ଆଜ ତାହାଙ୍କର ଦୁଇ ମାଇଲରୁ ଅଧିକ ପଥ ନଦୀକୁ ଯିବାର ଉଦ୍ଦେଶ୍ୟ କଅଣ ? ଦିବ୍ୟସିଂହଙ୍କର ବାସନା ଯେ ଥରେ ନଦୀକୁ ସ୍ନାନ କରିବାକୁ ଗଲେ, ସେହି ସରୋଜବଦନା ସହିତ ତାହାଙ୍କର ସାକ୍ଷାତ୍ ହେବାର ବିଶେଷ ସମ୍ଭାବନା ଅଛି, କାରଣ ତାହାଙ୍କର ଘର ନଦୀର ଅନତିଦୂରବର୍ତ୍ତୀ, ସୁତରାଂ ଦୈବାତ୍ ସାକ୍ଷାତ୍ ହୋଇପାରେ ।

ଦିବ୍ୟସିଂହ ଯେତେବେଳେ ନଦୀକୁ ଯିବାବେଳେ ମୋହିନୀଙ୍କ ଘରର ନିକଟ ଦେଇ ଗଲେ, ମୋହିନୀକୁ ସେଠାରେ ଦେଖିବାକୁ ନ ପାଇ କିଛି ହତାଶ ହୋଇ ପଡ଼ିଲେ । ନଦୀରେ ପହଞ୍ଚିଲାକ୍ଷଣି ତାହାଙ୍କର

Digitized by PPRACHIN, SOA

ଆଶା ପୂରଣ ହେଲା ; ମୋହନୀକୁ ନଦୀ ଘାଟରେ ଦେଖିବାକୁ ପାଇଲେ । ମୋହନୀ ସମବୟସ୍କା ପ୍ରତିବେଶିନୀ ସ୍ତ୍ରୀମାନଙ୍କ ସହିତ ସ୍ନାନାର୍ଥ ଯାଇଥିଲା । ଦିବ୍ୟସିଂହ ଏକଦୃଷ୍ଟିରେ ମୋହନୀ ଆଡ଼କୁ ଅନାଇ ତାହାର ଅପରୂପ ସୌନ୍ଦର୍ଯ୍ୟ ସନ୍ଦର୍ଶନ କରିବାକୁ ଲାଗିଲେ କେତେଥର ଯେ ଚାରି ଚକ୍ଷୁ ସମ୍ମିଳିତ ହେଲା ଏବଂ ଉଭୟର ହୃଦୟମଧ୍ୟରେ ଯେ କି ଭାବର ଉଦୟ ହେଲା ତାହା ବର୍ଣ୍ଣନାତୀତ ଅଟେ । ଅନେକ ସମୟପରେ ମୋହନୀ ବହୁ କଷ୍ଟରେ ଆତ୍ମସଂଯମ କରି ପ୍ରତିବେଶିନୀ କନ୍ୟାମାନଙ୍କ ସହିତ ଗୃହାଭିମୁଖେ ଗମନ କଲା । ଦିବ୍ୟସିଂହ ପ୍ରକୃତିସ୍ଥ ହୋଇ, ନିଜର ଅନ୍ତଃକରଣ ଆଡ଼କୁ ଚାହିଁ ଦେଖିଲେ ଯେ ସେ ମୋହନୀର ମୋହନ ମୂର୍ତ୍ତିରେ ଧୃତ ହୋଇ ଅଛନ୍ତି । ଦିବ୍ୟସିଂହ ମନେ ମନେ ପ୍ରତିଜ୍ଞା କଲେ, ଯେ କୌଣସି ଉପାୟରେ ହେଉ ମୁଁ ରୂପବତୀ ମୋହନୀର ପାଣି ଗ୍ରହଣ କରିବି । ଏପରି ସର୍ବସୁଲକ୍ଷଣା ବାସନ୍ତୀଲତିକାକୁ ଯଦି ନିଜର ପତ୍ନୀପଣେ ଗ୍ରହଣ କରିବାକୁ ଅକ୍ଷମ ହେବି ତେବେ ମୋହର ଇହ ସଂସାରରେ କି କାର୍ଯ୍ୟ ? ଜୀବନରେ ବା କି ସୁଖ ? ଦିବ୍ୟସିଂହ ସ୍ନାନ ବଢ଼ାଇ ଶୁଷ୍କ ବସ୍ତ୍ର ପରିଧାନ କରି ଭୃତ୍ୟ ସହିତ କଚେରିକି ବାହୁଡ଼ିଲେ । ତାହାଙ୍କର ମାନସରେ ସେହି ପ୍ରାଣତୋଷିଣୀ ମୋହନୀମୂର୍ତ୍ତି ବିରାଜିତା ଛଡ଼ା ଅନ୍ୟ କୌଣସି ବାସନା ନାହିଁ । ସେ ପୁଣି ମୋହନୀଙ୍କ ଘର ଦେଖି ଧୀରେ ଧୀରେ ଚାଲିବାକୁ ଲାଗିଲେ । ସେହି ଇନ୍ଦୁନିଭାନନାକୁ ଆଉ ଥରେ ଦେଖିପାରିବି ଏହି ଉଦ୍ଦେଶ୍ୟ ରଖିଲେ । "ପ୍ରେମିକ ପ୍ରେମିକାର ମୂର୍ତ୍ତି ପ୍ରତିମୁହୂର୍ତ୍ତେ ନୂତନ ଦେଖିଥାଏ, ଯେତେ ଦେଖେ ଦେଖିବାର ସ୍ପୃହା ତେତେ ବଳବତୀ ହୋଇ ଉଠେ । ପ୍ରେମ ମାୟାମୟ ବାଜିକର ତୁଲ୍ୟ ଅଟେ, ଚକ୍ଷୁର ଦୃଷ୍ଟିଶକ୍ତିରେ ଆଶ୍ଚର୍ଯ୍ୟ ଭାବ ଉଦୟ କରିଦିଏ, ମନ ଓ ଇନ୍ଦ୍ରିୟଗଣକୁ ବିମୋହିତ କରିଦିଏ" । ଆଜି ଦିବ୍ୟସିଂହ ପ୍ରେମପଥର ନବୀନ ପଥିକ ଅଟନ୍ତି;

Digitized by PPRACHIN, SOA

ବସ୍ତୁତଃ ସେ ପ୍ରେମମଦେ ଆତ୍ମବିସ୍ମୃତ, ସେହି ଚନ୍ଦ୍ରମୁଖୀର ମୁଖ ସର୍ବଦା ଦେଖିବାକୁ ପ୍ରୟାସୀ ଅଟନ୍ତି ।

ଆହୁରି ମଧ୍ୟ ଜଗତରେ କିପ୍ରକାର ଗୋଟିଏ ମହାଶକ୍ତି ଅଛି ଯେ ଜୀବନର ଅନ୍ତସ୍ଥଳ ମଧ୍ୟରୁ ଯେ କାମନା ଯେଉଁଲୋକ ମନରେ କରେ, ତାହା ତାହାର ପୂରଣ ହୁଏ ; ବିଶେଷତଃ ପ୍ରେମ ପକ୍ଷରେ ଏହା ସମ୍ପୂର୍ଣ୍ଣ ଠିକ ଅଟେ । କେବେହେଁ ଆମ୍ଭେମାନେ ଶୁଣି ନାହୁଁ ଯେ, ଦୁଇ ହୃଦୟରେ ଯଦି ପ୍ରକୃତ ପ୍ରେମର ଆକର୍ଷଣ ହୁଏ ତେବେ ସେ ଦୁଇଟି ହୃଦୟ ଏକତ୍ର ନ ହୋଇ ବିଭିନ୍ନ ହୋଇ-ଅଛି । ଲୌହ ଚୁମ୍ବକ ନିକଟରେ ଥିଲେ ଯେପରି ସେମାନଙ୍କର ଏକତ୍ରୀ କରଣ ଅବଶ୍ୟମ୍ଭାବୀ, ତଦ୍ରୂପ, ଦୁଇଟି ପ୍ରେମର ହୃଦୟରେ ପ୍ରକୃତ ଆକର୍ଷଣ ଥିଲେ, ତାହା ନିଶ୍ଚୟ ଏକଦିନ ଏକତ୍ର ହେବ ।

ଦିବ୍ୟସିଂହଙ୍କ ସହିତ ମୋହିନୀର ଆଉ ଦେଖାହେଲା ନାହିଁ । ଦିବ୍ୟସିଂହ ସେହିପରି କଚେରୀରେ ପହୁଁଚି ସକାଳେ ସଂଗ୍ରହ କରି ରଖିଥିବା ଭୋଜ୍ୟ ଭୃତ୍ୟଦ୍ୱାରା ମୋହିନୀର ମାତାଙ୍କ ନିକଟକୁ ପଠାଇ ଦେଲେ ; ମୋହିନୀର ମାତା ପ୍ରଥମେ ସେ କିନିସମାନ ନେବାକୁ ଅସ୍ୱୀକାର କରିଥିଲେ, ପରେ ଭୃତ୍ୟ ମୁଖରୁ ଶୁଣିଲେ ଯେ ଏହା ନେବାପାଇଁ ଦିବ୍ୟସିଂହବାବୁ ବିଶେଷ ଅନୁରୋଧ କରି ଅଛନ୍ତି । ଜମିଦାର ପୁତ୍ରଙ୍କର ଅନୁରୋଧ ରକ୍ଷା ନ କଲେ, କାଳେ ଅପମାନ ଜ୍ଞାନ କରିବେ, ଏହି କାରଣମାନଙ୍କର ବଶବର୍ତ୍ତିନୀ ହୋଇ ପରେ ତାହା ଗ୍ରହଣ କଲେ । କ୍ରମେ ସେମାନେ କିଛିକାଳ ସୁଖ-ସ୍ୱଚ୍ଛନ୍ଦରେ ଚଳିବାକୁ ଲାଗିଲେ, କିନ୍ତୁ ମୋହିନୀର ମାତାଙ୍କର ମନରେ ଟିକିଏ ସନ୍ଦେହ ଉପସ୍ଥିତ ହେଲା । ଭାବିଲେ ଦିବ୍ୟସିଂହଙ୍କବାବୁ-ଙ୍କର ଏହା ପଠାଇବାର ଅଭିପ୍ରାୟ କଅଣ । ପୁଣି ବିଚାରିଲେ ହୁଏତ ଆମ୍ଭମାନଙ୍କର ଦୁର୍ଦ୍ଦଶା ଦେଖିକରି ତାହାଙ୍କର ମନରେ ଦୟାର ସଞ୍ଚାର ହୋଇଥିବ, ସେଥିପାଇଁ ପଠାଇ ଦେଇଅଛନ୍ତି । କିନ୍ତୁ

Digitized by PPRACHIN, SOA

ମୋହନୀ ଜାଣି ପାରିଲା ଯେ ସେହି ଚତୁର୍ଥ ମିଳନରେ ଅବଶ୍ୟ ଈଶ୍ୱର ଅନୁଗ୍ରହ କରି, ମୋହର ମନୋମତ ସ୍ୱାମୀ ସ୍ଥିର କରିଅଛନ୍ତି ଏବଂ ଏହା ମୋହର ସ୍ୱାମୀ ପ୍ରଦତ୍ତ ପ୍ରୀତି ଉପହାର ।

ତୃତୀୟ ପରିଚ୍ଛେଦ ।

ପ୍ରସ୍ତାବ ।

ଦିବ୍ୟସିଂହ ବିଷ୍ଣୁପୁର ଗ୍ରାମରେ ପହୁଞ୍ଚି ଅଛନ୍ତି, ପିତା ଏବଂ ମାତାଙ୍କର ସହିତ ସାକ୍ଷାତ କରି ତାହାଙ୍କର ଭ୍ରମଣ ବୃତ୍ତାନ୍ତ କହି ଅଛନ୍ତି ।

ଦିବ୍ୟସିଂହଙ୍କର ଅଧ୍ୟୟନ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ କୌଣସି କଥା କହି ନ ଥିବାରୁ ବୋଧହୁଏ ପାଠକମାନେ ମୋହ ପ୍ରତି ବିରକ୍ତ ହୋଇଥିବେ । ସେ ବିଷୟ କହିବାକୁ କୌଣସି ଅବସର ପାଇ ନ ଥିବାରୁ ତାହା ପାଠକମାନଙ୍କୁ ଜଣାଇ ପାରି ନ ଥିଲି । ଅତଏବ ସହୃଦୟ ପାଠକଗଣ ମୋହର ତ୍ରୁଟି ମାର୍ଜନା କରିବା ହେବେ । ଦିବ୍ୟସିଂହ ଗତବର୍ଷ ଓଡ଼ିଶା କଲେଜରୁ ଅନର ସହିତ ବି. ଏ. ଉପାଧି ଲାଭ କରିଅଛନ୍ତି । ପିତା ମାତାଙ୍କର ଆନନ୍ଦର ସୀମା ନାହିଁ । ଏକମାତ୍ର ପୁତ୍ର ସେଥିରେ ପୁଣି ଏପରି ଯୋଗ୍ୟତା ଲାଭ କରିଅଛନ୍ତି, ଏଥିରେ କାହାର ମନ ଉଲ୍ଲସିତ ନ ହେବ । ଦିବ୍ୟସିଂହଙ୍କର ଏକାନ୍ତ ଇଚ୍ଛା ଯେ ସେ କଲକତାରେ ଯାଇ ଓକାଲତି ପଢ଼ା କରିବେ । କିନ୍ତୁ ତାହାଙ୍କର ପିତା ମାତା ତାହାଙ୍କୁ ବିବାହ ନ ଦେଇ କଲକତା ଛାଡ଼ି-

Digitized by PPRACHIN, SOA

ଦେବେ ନାହିଁ ବୋଲି ସେମାନଙ୍କର ଅଭିପ୍ରାୟ ଜଣାଇ ଦେଇଅଛନ୍ତି । କାରଣ ଏପରି ଅବସ୍ଥାରେ ସ୍ୱବର ବିବାହ ନ ଦେଇ ବିଦେଶ ଛାଡ଼ି-ଦେଲେ ନିଶ୍ଚୟ ଭରିବ ଦୋଷ ଘଟିବ ଏହା ତାହାଙ୍କର ଧ୍ରୁବ ବିଶ୍ୱାସ । ତାହାଙ୍କର ଇଷ୍ଟେଟର ମେନେଜର ଚନ୍ଦ୍ରମୋହନ ବାବୁ ବିବାହ ନିମିତ୍ତ କନ୍ୟା ସ୍ଥିର କରିବାର ଭାର ଜମିଦାର ମହାଶୟଙ୍କଠାରୁ ପାଇ ଅଛନ୍ତି । ସେ ଏବଂ ତାହାଙ୍କର ଅଧୀନସ୍ଥ କର୍ମଚାରୀମାନେ ପାତ୍ରୀ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ହୋଇ ପଡ଼ି ଅଛନ୍ତି । ସେମାନେ କିପରି ଶୀଘ୍ର ଉପଯୁକ୍ତ ପାତ୍ରୀ ପ୍ରାପ୍ତ ହୋଇ ଦିବ୍ୟସିଂହ ବାବୁଙ୍କର ବିବାହ ଦେଇ ଜମିଦାର ମହାଶୟଙ୍କର ଶ୍ରଦ୍ଧାର ପାତ୍ର ହୋଇ ପାରିବେ, ଏହି ଚେଷ୍ଟାରେ ଲାଗିଅଛନ୍ତି । ଜମିଦାରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ତାହାଙ୍କର ମନୋଗତ ଭାବ ବ୍ୟକ୍ତ କରି ଅଛନ୍ତି ଯେ ଦାନ ଯୌତୁକର ମୋହର ଦରକାର ନାହିଁ, ଈଶ୍ୱର ଯାହା ଦେଇଅଛନ୍ତି, ମୋହର ପାତପୁରୁଷ ବସି ଖାଇଲେ ଶେଷ ହେବନାହିଁ । କେବଳ ସର୍ବଗୁଣାଳଂକୃତ ବଧୂଟିଏ ପାଇଲେ ସମସ୍ତ ଧନ ପାଇବି । ଜମିଦାର ମହାଶୟ ମେନେ-ଜର ଏବଂ ତାହାଙ୍କର କର୍ମଚାରୀଙ୍କୁ ଠାକୁରାଣୀଙ୍କର ମନର ଭାବ ବୁଝାଇ ଦେଇଥିଲେ । ସୁଯୋଗ୍ୟ ଦିବ୍ୟସିଂହ ବାବୁ ମେନେଜର ବାବୁଙ୍କ ସହିତ ମନ ଖୋଲି କଥା ଭାଷା ହୁଅନ୍ତି ।

ଦିନକରେ ଦିବ୍ୟସିଂହ ବାବୁ ମେନେଜର ବାବୁଙ୍କୁ ଝଙ୍ଗିଭାବରେ କହିଲେ । ଯେ କୃଷ୍ଣପୁର ଗ୍ରାମରେ ସେହି ଦରିଦ୍ରର କନ୍ୟା ମୋହି-ନୀହିଁ ତାହାଙ୍କର ମନୋମତ ପତ୍ନୀ ହେବ । ମେନେଜର ଉକ୍ତ ଗ୍ରାମରେ ଅନୁସନ୍ଧାନ କରି ଜାଣିପାରି ଅଛନ୍ତି ଯେ ମୋହିନୀ ସର୍ବାଙ୍ଗସୁନ୍ଦରୀ କନ୍ୟା ଏବଂ ଜମିଦାର ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କର ଅଭିଳାଷମତେ ମିଳିଅଛି; ତାହା ପ୍ରାପ୍ତ ହେବା ଦ୍ୱାରା ମେନେଜର ଅତ୍ୟନ୍ତ ଆହ୍ଲାଦିତ ହୋଇ ଯଶୋବୃଦ୍ଧି କାମନାରେ ବ୍ୟସ୍ତ ହୋଇ ପଡ଼ିଅଛନ୍ତି । ଉକ୍ତ ବିଷୟ ଜମିଦାର ଏବଂ ଜମିଦାର ସ୍ତ୍ରୀଙ୍କର କର୍ଣ୍ଣଗୋଚର ହୋଇଅଛି ।

Digitized by PPRACHIN, SOA

ସେମାନେ ନିର୍ଦ୍ଦିଷ୍ଟ ଦିନ ସ୍ଥିରକରି ମୋହିନୀକୁ ଦେଖିବାକୁ ଯିବାର ସ୍ଥିର କଲେ । ଶିବରାତ୍ରିଦିନ, କନ୍ୟା ଦେଖିବାର ନିର୍ଦ୍ଦିଷ୍ଟ ଦିନ ମନେକରି ଭୁବନେଶ୍ୱର ଦେବଙ୍କ ନିକଟକୁ ଯିବାର ସ୍ଥିର ହୋଇଅଛି । ପାଲିକ ବେହେରା ନିଯୁକ୍ତ ହୋଇଅଛି ଏବଂ ମୋହିନୀର ମାତାଙ୍କ ନିକଟକୁ ସମ୍ବାଦ ଦିଆ ହୋଇଅଛି ଯେ ସେ ଶିବରାତ୍ରିଦିନ ଜମିଦାରଙ୍କ ଦ୍ୱାରା ପ୍ରେରିତ ପାଲିକିରେ ଭୁବନେଶ୍ୱର ଦେବଙ୍କ ଦର୍ଶନପାଇଁ କନ୍ୟାଟିକୁ ନେଇ ଯିବେ, ତାହାଙ୍କ ସହିତ ଜମିଦାର ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କର କେତେକ ବିଷୟରେ କଥୋପକଥନ ହେବ । ଏ ସମ୍ବାଦ ପାଇ ମୋହିନୀର ମାତା ବିଚଳିତମନା ହୋଇଥିଲେ, ଜମିଦାର ପତ୍ନୀଙ୍କ ସହିତ ସାଦର ଅଭ୍ୟର୍ଥନାରେ ସାକ୍ଷାତ ନ କରି ଇଲାକାମଧ୍ୟରେ ବାସ କରିବା ଦୁରୂହ ବିବେଚନାରେ ଯୋଗ ଦେବାଲାଗି ସମ୍ମତି ପ୍ରକାଶ କରିଅଛନ୍ତି । ଅତଃପର ନିର୍ଦ୍ଦିଷ୍ଟ ଦିନ ଉପସ୍ଥିତ । ଶିବରାତ୍ରିଦିନ, ଅର୍ଥାତ ଯାଗରଦିନ ପ୍ରାତଃକାଳରୁ ମୋହିନୀ ଏବଂ ତାହାଙ୍କର ମାତାଙ୍କ ନିମିତ୍ତ ଉପଯୁକ୍ତ ନୂତନ ପରିଧେୟ ବସ୍ତ୍ର ସହ ପାଲିକି ବେହେରା ଉପସ୍ଥିତ ହେଲେ । ନୂତନ ବସ୍ତ୍ର ପଠାଇବାର ଉଦ୍ଦେଶ୍ୟ ଏହି ଯେ କାଳେ ବସ୍ତ୍ରାଭାବରୁ ମୋହିନୀର ମାତା ତାହାର କନ୍ୟାକୁ ନେଇ ଶିବଦର୍ଶନକୁ ଯିବାଲାଗି ଅସମ୍ମତ ହେବେ । ବାସ୍ତବିକ ବସ୍ତ୍ର ପଠାଇ ନ ଥିଲେ କାର୍ଯ୍ୟତଃ ତାହା ଘଟିଥାନ୍ତା । ମୋହିନୀର ମାତା ଯେ ଅତି ଦରିଦ୍ରା ତାହା ଅନ୍ନପୂର୍ଣ୍ଣା ପୂର୍ବରୁ ଜ୍ଞାତ ଥିଲେ । ଯଥା ସମୟରେ ଅନ୍ନପୂର୍ଣ୍ଣାଙ୍କର ପାଲିକି ମନ୍ଦିର ନିକଟରେ ଉପସ୍ଥିତ ହେଲା, ତେତେବେଳେ ସୂର୍ଯ୍ୟଦେବ ଅସ୍ତାଚଳଗାମୀ ହୋଇଅଛନ୍ତି ।

କେତେକଜଣ ପରିଚାରିକା ପରିବେଷ୍ଟିତା ହୋଇ ଅନ୍ନପୂର୍ଣ୍ଣା ଶିବମନ୍ଦିର ମଧ୍ୟରେ ପ୍ରବେଶ କଲେ । ଶିବଦର୍ଶନ କରିବା ସମୟରେ ମନ୍ଦିରର ଏକପାର୍ଶ୍ୱରେ ଦେଖିଲେ ଯେ ଗୋଟିଏ ବୃଦ୍ଧା ପୂର୍ବାହ୍ନ ସୂର୍ଯ୍ୟରଶ୍ମିବତ୍ ଗୋଟିଏ ଅତିସୁନ୍ଦରୀ କନ୍ୟାସହ ଦଣ୍ଡାୟମାନ । ସେ

Digitized by PPRACHIN, SOA

ପ୍ରଥମରେ ଭାବିଲେ ଯେ ବୃଦ୍ଧା ନିକଟରେ ଯେ କନ୍ୟାଟି ଛିଡ଼ାହୋଇ-
ଅଛି ସେ ବୋଧହୁଏ କୌଣସି ଅପ୍ସରୀ ; ଶାପଗ୍ରସ୍ତ ହୋଇ ମର୍ତ୍ତ୍ୟ-
ଲୋକରେ ବାସ କରୁଅଛି । କିନ୍ତୁ ତାହାର ପର ମୂହୂର୍ତ୍ତରେ ବୃଦ୍ଧା
କନ୍ୟାସହ ତାହାଙ୍କ ନିକଟରେ ଉପସ୍ଥିତ ହୋଇ କନ୍ୟାକୁ ଅନ୍ନପୂର୍ଣ୍ଣା-
ଙ୍କର ଚରଣବନ୍ଦନା କରିବାକୁ ଆଦେଶ ଦେଇ କହିଲେ ଆପଣଙ୍କର
ଆଦେଶମତେ ଅଭାଗିନୀ ଅନେକବେଳରୁ ପହୁଁଚିଅଛି । ଅନୁସନ୍ଧାନ
କରି ଜାଣିଲି ଯେ ଆପଣଙ୍କର ପାଲିକି ପହୁଁଚିନାହିଁ, ତତ୍‌ପରେ
ଶିବଦର୍ଶନ କରି ଆସି ଆପଣଙ୍କର ଅପେକ୍ଷାରେ ଦଣ୍ଡାୟମାନ ଅଛି,
ପ୍ରଭୁଙ୍କର ଅନୁଗ୍ରହରେ ଆପଣ ମଧ୍ୟ ଶୁଭାଗମନ କଲେଣି । ଏ ହତ-
ଭାଗିନୀ ପ୍ରତି ଆପଣଙ୍କର ଅତିଦୟା ! ଦୟାକରି ଆହ୍ୱାନର କାରଣ
ବ୍ୟକ୍ତ କଲେ କୃତାର୍ଥ ହେବି । ଭକ୍ତିମତୀ ଅନ୍ନପୂର୍ଣ୍ଣା ପ୍ରଥମରେ ଆଶ୍ଚର୍ଯ୍ୟ
ହୋଇଗଲେ , ତତ୍‌ପରେ ଜାଣିଲେ ଯେ ଏହି ଇନ୍ଦ୍ରନିଭାନନା କନ୍ୟାଟି
ମୋହିନୀ ଏବଂ ଏହି ବୃଦ୍ଧା ତାହାର ମାତା । ବୃଦ୍ଧା ଅପର ଏକ ସମୟରେ
ଜମିଦାର ସ୍ତ୍ରୀଙ୍କୁ ତାହାଙ୍କର ବାଲ୍ୟାବସ୍ଥାରେ ଦେଖିଥିଲେ ସେଥି
ନିମିତ୍ତ ଦେଖିଲା ମାତ୍ରକେ ଚିହ୍ନି ଅଭ୍ୟର୍ଥନାର କୌଣସି ତ୍ରୁଟିକଲେ
ନାହିଁ । କିନ୍ତୁ ବୃଦ୍ଧା ଜମିଦାରଙ୍କ ସ୍ତ୍ରୀ ନିକଟରେ ସମ୍ପୂର୍ଣ୍ଣ ଅପରିଚିତା ।
ଜମିଦାର ସ୍ତ୍ରୀ ବୃଦ୍ଧାକୁ ଆଲିଙ୍ଗନକରି ସମୀପରେ ବସାଇଲେ ଏବଂ
କହିଲେ ଏପରି କୌଣସି ଭୟର କାରଣ ନାହିଁ, ତୁମ୍ଭର ମୁଖର
ଅବସ୍ଥା ଦେଖି ଅନୁମାନ କରୁଅଛି ଯେ ତୁମ୍ଭେ ଭୀତ ହୋଇଅଛ ।
କିନ୍ତୁ ଆଜି ଆମ୍ଭମାନଙ୍କର ଗୋଟିଏ ସୁଦିନ, ସମ୍ମୁଖରେ ଦେବ ଦେବ
ଲୁଦ୍ରେଶ୍ୱର ଦେବ ବିରାଜ କରିଅଛନ୍ତି । ତାହାଙ୍କ ସମ୍ମୁଖରେ ଆଜି
ଆମ୍ଭମାନଙ୍କୁ ଗୋଟିଏ ସାମାଜିକ ପ୍ରତିଜ୍ଞାରେ ଆବଦ୍ଧ ହେବାକୁ ହେବ,
ଏଥିରେ କି ତୁମ୍ଭେ ସ୍ୱୀକୃତା ? ବୃଦ୍ଧାର ମୁଖ ବିବର୍ଣ୍ଣ ହୋଇଗଲା,
ଜମିଦାରଙ୍କ ସ୍ତ୍ରୀ ନିକଟରେ ସାମାଜିକ ପ୍ରତିଜ୍ଞା ?

ପର ମୂହୂର୍ତ୍ତରେ ଆତ୍ମଭାବ ଦମନ କରି ଆନନ୍ଦିତ ମୁଖରେ ଉତ୍ତର

Digitized by PPRACHIN, SOA

ହେଲେ—ଅବଶ୍ୟ । ବୃଦ୍ଧାର ଏପରି କରିବାର କାରଣ ଏହି ଯେ, ଦେବାତ୍ ଜମିଦାର ସ୍ତ୍ରୀଙ୍କର କୌଣସି ଅପମାନ ହୁଏ । ତହିଁ ଉତ୍ତରରେ ଅନ୍ନପୂର୍ଣ୍ଣା କହିଲେ, ପ୍ରସ୍ତାବ ଅନ୍ୟ କିଛି ନୁହେଁ, "ମୁଁ ତୁମ୍ଭର କନ୍ୟା ମୋହିନୀର ରୂପ ଲାବଣ୍ୟ ଅବଲୋକନ କରି ଅତ୍ୟନ୍ତ ପ୍ରୀତ ହୋଇଅଛି, ତେଣୁ ତାହାକୁ ପୁତ୍ରବଧୂ କରିବାର ମୋହର ଏକାନ୍ତ ଇଚ୍ଛା । ଅତଏବ ଦେବ ସମୀପରେ ପ୍ରତିଜ୍ଞା କର ଯେ ତୁମ୍ଭର କନ୍ୟାକୁ ମୋହର ପୁତ୍ରର ସହିତ ବିବାହ ଦେବ" । ଅଦୃଷ୍ଟ ! ତୋହର ବିଳାସ ଗତି କିଛି ବୁଝାଯାଏ ନାହିଁ । ସଂସାର ! ଧନ୍ୟ ତୋହର ମହିମା । ଯେ ଏକସମୟରେ ଅନ୍ନାଭାବେ ଦରିଦ୍ରତାର ମର୍ମଭେଦୀ ପୀଡ଼ନରେ ପୀଡ଼ିତ ହୋଇ ହୃଦୟର ଅନ୍ତସ୍ଥଳ ସ୍ପର୍ଶୀ ଦୀର୍ଘନିଶ୍ୱାସ ପରିତ୍ୟାଗ କରି କାତର ଭାବେ ଜୀର୍ଣ୍ଣକୁଟିରରେ ଦିନ ଯାପନ କରୁଥିଲା, ସେ ଆଜି ଅତିବଡ଼ ଜମିଦାର ସ୍ତ୍ରୀଙ୍କର ସମ୍ବନ୍ଧିନୀ ହେବ । ତାହାର କନ୍ୟାର ସହିତ ଗୁଣବାନ, ରୂପବାନ, ଧନବାନ୍ ଓ ବିଦ୍ୱାନ ପାତ୍ରର ବିବାହ ହେବ, ସେଥିରେ ସେ ଯେପରି ଆନନ୍ଦିତ ହେବ, ତାହା ମୋହପରି ଲେଖକ ପକ୍ଷେ ବର୍ଣ୍ଣନା କରିବା ଦୁଃସାଧ୍ୟ । ତେବେ ଏତିକି ମାତ୍ର କହିପାରେ ଯେ ବୃଦ୍ଧା ପ୍ରଥମେ ଏହା ସ୍ୱପ୍ନ କିମ୍ବା ପ୍ରକୃତ ପ୍ରସଙ୍ଗ ବୋଲି ସ୍ଥିରକରି ପାରିଲା ନାହିଁ । ଅନନ୍ତର ପ୍ରକୃତିସ୍ଥ ହୋଇ କହିଲା । "ମୁଁ ଆଜି ରୁଦ୍ରେଶ୍ୱର ଦେବଙ୍କ ସମ୍ମୁଖରେ ପ୍ରତିଜ୍ଞାବଦ୍ଧ ହେଲି, ଯେ ମୁଁ ନିଶ୍ଚୟ ଆପଣଙ୍କର ପୁତ୍ରର ସହିତ ମୋହର କନ୍ୟାର ବିବାହ ଦେବି" । ସତ୍ୟକରି କହନ୍ତୁ ଭଉଣୀ ଆପଣ ମୋହର କନ୍ୟାକୁ ପୁତ୍ରବଧୂ ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି ? ଅନ୍ନପୂର୍ଣ୍ଣା ବୃଦ୍ଧାଙ୍କର ହସ୍ତ ଧାରଣ କରି କହିଲେ, ମୁଁ ଆଜି ରୁଦ୍ରେଶ୍ୱର ଦେବଙ୍କ ନିକଟରେ ପ୍ରତିଜ୍ଞା କରୁଅଛି ଯେ ମୁଁ ଯଦି ଲକ୍ଷେ ଟଙ୍କାର ସମ୍ପତ୍ତି ସହ ପାତ୍ରୀ ପାଏ, ତେବେ ସୁଦ୍ଧା ମୁଁ ସେ ସ୍ଥାନରେ ନକରି ତୁମ୍ଭର କନ୍ୟାର ସହିତ ମୋହର ପୁତ୍ରର ବିବାହ ନିଶ୍ଚୟ ଦେବି;

Digitized by PPRACHIN, SOA

ଏହା କହି ମୋହନୀକୁ ଦେବ ସମୀପକୁ ଆନୟନ କରି ତାହାର ଗଳାରେ ଗୋଟିଏ ସ୍ୱର୍ଣ୍ଣହାର ପିନ୍ଧାଇଦେଲେ ଏବଂ ଗୁପ୍ତେଶ୍ୱର ଦେବଙ୍କୁ ଲକ୍ଷକରି କହିଲେ ହେ ! ବଟେଶ୍ୱର ଆଜ ତୁମ୍ଭ କୃପାରେ ମୁଁ ଯେଉଁ ସମ୍ପତ୍ତି ଲାଭ କରିଅଛି, ତାହା ମର୍ତ୍ତ୍ୟଲୋକରେ ମାନବ-ମାନଙ୍କ ପକ୍ଷେ ଦୁର୍ଲ୍ଲଭ, କିନ୍ତୁ ତୁମ୍ଭର ଚରଣ ସରୋଜରେ ପ୍ରାର୍ଥନା ଏତିକି ଯେ ଏହି କନ୍ୟାଟିକୁ ଭାଗ୍ୟବତୀ ଓ ଆୟୁଷ୍ମତୀ କରିବା ଦ୍ୱାରା ମୋହର ପ୍ରାର୍ଥନା ପୂରଣ କରନ୍ତୁ । ତତ୍‌ପରେ ମହାଦେବଙ୍କ ନିକଟରେ ପ୍ରସାଦାଦି କରି, ଅନ୍ନପୂର୍ଣ୍ଣା, ମୋହନୀ ଏବଂ ତାହାର ମାତା ନିଜ ନିଜ ଆବାସାଭିମୁଖେ ଗମନକଲେ ।

ଚତୁର୍ଥ ପରିଚ୍ଛେଦ ।

ବିବାହ ।

ଜମିଦାର ଶ୍ରୀ ଅନ୍ନପୂର୍ଣ୍ଣା ଗ୍ରାମରେ ପହଞ୍ଚିଲେ । ଦିବ୍ୟସିଂହର ବିବାହ ଆଗାମୀ ବୈଶାଖ ମାସର ୨୨ ଶା ଲଗ୍ନରେ ହେବାର ସ୍ଥିର ହେଲା । ଅଦ୍ୟ ବୈଶାଖ ମାସର ପ୍ରଥମ ଦିନ ଅବଶିଷ୍ଟ ବ ୨୨ ଦିନ ମଧ୍ୟରେ ବିବାହର ସମସ୍ତ ଆୟୋଜନ ସ୍ଥିର କରିବାକୁ ହେବ । ଜମିଦାର ଗୋପିନାଥ ମହାନ୍ତି ବ୍ୟସ୍ତ ହୋଇ ତାହାଙ୍କର ମେନେଜର ଏବଂ କର୍ମ୍ମଚାରୀଙ୍କୁ ଶୁଭାନୁଷ୍ଠାନର ଯେପରି କୌଣସି ତ୍ରୁଟି ନ ହୁଏ, ତହିଁର ଆୟୋଜନ ପାଇଁ ବହୁତ ଆଦେଶ ଦେଲେ । ମୋହନୀର ମାତାଙ୍କ ନିକଟ ଆବଶ୍ୟକୀୟ ଦ୍ରବ୍ୟ ସମସ୍ତ ଜମିଦାର ମହାଶୟ ପ୍ରେରଣ କଲେ । ଏଣେ ମୋହନୀର ମାତା ସର୍ବଦା କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ।

Digitized by PPRACHIN, SOA

କୃଷ୍ଣପୁର ଗ୍ରାମର ଅନ୍ୟାନ୍ୟ ଝରଣମାନେ ବିବାହର ଏହି ଶୁଭକାର୍ଯ୍ୟରେ ଯୋଗଦେଇ ସାଧ୍ୟମତେ ପରିଶ୍ରମ କରି କାର୍ଯ୍ୟ ନିର୍ବାହ କରୁଅଛନ୍ତି । ବିବାହର ଦିନ କ୍ରମେ ନିକଟବର୍ତ୍ତୀ ହେଲା । ଉଭୟ ପକ୍ଷରୁ ପରସ୍ପରର ବନ୍ଧୁମାନଙ୍କ ନିକଟକୁ ଆମନ୍ତ୍ରଣ ପତ୍ର ପଠାଇ ଦିଆଗଲା । ବନ୍ଧୁମାନେ ଜଣ ଜଣ ହୋଇ ଆସିବାକୁ ଲାଗିଲେ । ଦିବ୍ୟସିଂହ ବାବୁ ମେଳର ଗୋଟିଏ କୋଠରୀରେ ବସି ଇଂରାଜୀ ସେକ୍ସପିଅର ପାଠ କରୁଅଛନ୍ତି ଏବଂ ସମୟ୨ରେ ଅନ୍ୟମନସ୍କ ହୋଇ ପଡ଼ୁଅଛନ୍ତି । ଏପରି ଅନ୍ୟମନସ୍କ ହେବାର କାରଣ କଅଣ ? ମନୁଷ୍ୟର ଗୋଟିଏ ଗୁଣ ଏହି ଯେ ତାହାର ମନ ମଧ୍ୟରେ କୌଣସି ବିଶେଷ କାର୍ଯ୍ୟର ଚିନ୍ତା ଥିଲେ, ତାହାକୁ ପୃଥିବୀସ୍ଥ ଅନ୍ୟ କୌଣସି ବସ୍ତୁ ସୁଖ ଦେଇ ପାରେ-ନାହିଁ । ଆମ୍ଭର ଦିବ୍ୟସିଂହ ବାବୁଙ୍କର ମଧ୍ୟ ତାହା ଘଟିଅଛି । ବାସ୍ତବିକ୍ ତାଙ୍କର ମନ ମଧ୍ୟରେ ମହାତରଙ୍ଗ ଉପସ୍ଥିତ ହୋଇଅଛି । ଉଷାର କନକ-ବିଭା ସୂର୍ଯ୍ୟର ଦୀପ୍ତି, ଚନ୍ଦ୍ରର ଜ୍ୟୋତ୍ସ୍ନା, ପୁଷ୍ପର ସୁଷମା ଓ ସୁଗନ୍ଧ, ମଧୁମକ୍ଷିକାର ଗୁଣ୨ ଶବ୍ଦ, କୋକିଳର କୁଜନ, ନଦୀର ତରଙ୍ଗ-ମାଳା ଓ କଲ୨ ଧ୍ୱନି, ଦିବ୍ୟସିଂହଙ୍କର ସର୍ବଦା ମୋହିନୀର ମୁଖ-ଚନ୍ଦ୍ରମାର ଛବି ଜାଗରିତ କରି ଦେଉଅଛି । ଦିବ୍ୟସିଂହ ବାବୁଙ୍କର ଚିନ୍ତା ଏହି କିପରି ମୋହିନୀକୁ ଲଭି ଜୀବନକୁ ସାର୍ଥକ କରିବେ । ଦିନକ୍ରମେ ଅତିବାହିତ ହେବାକୁ ଲାଗିଲା । ଆଜି ମଙ୍ଗଳକୃତ୍ୟ ଦିବସ । ଗୃହଦ୍ୱାରରେ ଢୋଲ, ତେଲିଙ୍ଗୀ ଏବଂ ଅନ୍ୟାନ୍ୟ ବାଦ୍ୟଦ୍ୱାରା ବିଶ୍ୱପୁର ଶବ୍ଦାୟମାନ ହେଉଅଛି । ଗ୍ରାମର ସ୍ଥାନେ୨ ନହବତ୍ ବସି ଅପୂର୍ବ ସୌନ୍ଦର୍ଯ୍ୟ ଉତ୍ପାଦନ କରୁଅଛି । ଜମିଦାରଙ୍କର ଆବାସ-ସ୍ଥଳୀ ବନ୍ଧୁ ଏବଂ ପ୍ରଜାମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଅଛି । ସମସ୍ତେ ବ୍ୟସ୍ତ ଥାଇ ନିଜ୨ କାର୍ଯ୍ୟ ସମ୍ପନ୍ନ କରୁଅଛନ୍ତି । ମାଙ୍ଗଳିକ କାର୍ଯ୍ୟ ସମସ୍ତ ଶେଷ ହେଲା । ପୁରନାରୀମାନେ ହୁଳୁ ଧ୍ୱନିଦ୍ୱାରା ବରକୁ ଯଥାବିଧି ଆଶୀର୍ବାଦ କରି ଆପଣା୨ କାର୍ଯ୍ୟରେ ରତ ହେଲେ । ବିବାହ

Digitized by PPRACHIN, SOA

ଦିବସର ପ୍ରାତଃକାଳରୁ ସେହି ବିବାହ ନିମିତ୍ତ ପ୍ରୟୋଜନୀୟ ଦାନ ଯୌତୁକ ସମସ୍ତ ମୋହିନୀର ମାତାଙ୍କ ନିକଟକୁ ପଠାଇ ଦିଅଗଲା । ପୁରୋହିତ ବ୍ରାହ୍ମଣମାନଙ୍କୁ ଯଥାବିଧି ଅର୍ଚ୍ଚନା ହୋଇଅଛି, ବିବାହ ନିମିତ୍ତ ଆମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କୁ ଜମିଦାର ମହାଶୟ ଉପସ୍ଥିତ ଥାଇ ସ୍ୱୟଂ ସମାଦରେ ଭୋଜନ କରାଇଲେ । ରାତ୍ରି ଦୁଇପ୍ରହର ସମୟରେ ବାଦ୍ୟକାର, ଯାନାରୋହଣସହ ସାମନ୍ତଗଣ ଏବଂ ବରଙ୍କ ନେଇ ଜମିଦାର ଗୋପିନାଥ ମହାନ୍ତି କୃଷ୍ଣପୁର ଗ୍ରାମରେ ଉପସ୍ଥିତ ହେଲେ ।

ଆତସବାଜି ଓ ରୋଷନାଇ କରାଇ ଅତି ସମାରୋହରସହିତ ସମସ୍ତେ କନ୍ୟାର ଗୃହରେ ଉପସ୍ଥିତ ହେଲେ । ବୃଦ୍ଧାର ଦୂର ସମ୍ପର୍କୀୟ ଭ୍ରାତଃ ବା ମୋହିନୀର ମାତୁଳ ଜମିଦାରଙ୍କ ପ୍ରେରିତ ଦାନ ସାମଗ୍ରୀ ସହ କନ୍ୟା ପ୍ରଦାନ କଲେ । ଭୋଜନ ଯଥୋଚିତରୂପେ ଚଳିବାକୁ ଲାଗିଲା । ଉକ୍ତ ରାତ୍ରରେ ନାନାପ୍ରକାର ଯାତ୍ରାଦଳମାନଙ୍କର ନୃତ୍ୟ-ଗୀତାଦି ଦର୍ଶନକରି ସମସ୍ତେ ଜମିଦାର ମହାଶୟଙ୍କର ବିଶେଷ ପ୍ରଶଂସା କରିବାକୁ ଲାଗିଲେ । କ୍ରମେ ବିଯାମା ଶେଷ ହେଲା । ଅଦ୍ୟ ବର ବାହୁଡ଼ା; ବୃଦ୍ଧାର ଘର ପ୍ରତିବେଶି ସ୍ତ୍ରୀମାନଙ୍କ କ୍ରନ୍ଦନରେ ପୂର୍ଣ୍ଣ, କାରଣ ସମସ୍ତେ ମୋହିନୀକୁ ଅତି ଭଲ ପାଉଥିଲେ । ସେଥି ନିମିତ୍ତ ମୋହିନୀକୁ ବିଦାୟ ଦେବା କାରଣ ସମସ୍ତେ ରୁଣ୍ଡ ହୋଇ କ୍ରନ୍ଦନ କଲେ । ବୃଦ୍ଧା ମଧ୍ୟ ଅତ୍ୟନ୍ତ କାତର ସ୍ୱରରେ କ୍ରନ୍ଦନ କଲା । ତାହାର ଏକମାତ୍ର ଦୁହିତାସହ ସେ ଏତେକାଳ ନିର୍ବାହ ହୋଇଥିଲା, ବର୍ତ୍ତମାନ ତାହାକୁ ଏକାକୀ କାଳାତିପାତ କରିବାକୁ ହେବ । ତତ୍-ପରେ ଗ୍ରାମର ଅନ୍ୟାନ୍ୟ ସ୍ତ୍ରୀଲୋକମାନଙ୍କର ପ୍ରବୋଧରେ ବୃଦ୍ଧା ସାନ୍ତ୍ୱନା ଲାଭ କଲା । ମୋହିନୀ ବିଦାୟ ହେଲା । ଜମିଦାର ମହାଶୟ ସମସ୍ତ ବରଯାତ୍ରୀ, ବର, କନ୍ୟା ଏବଂ ଅନ୍ୟାନ୍ୟ ଲୋକମାନଙ୍କ ସହିତ

Digitized by PPRACHIN, SOA

ନିଜଗ୍ରାମରେ ଉପସ୍ଥିତ ହେଲେ । ସମସ୍ତ ଲୋକମାନଙ୍କର ଆହାରାଦି-ପରେ ଯେ ଯାହା ବାସରେ ଶୟନ କଲେ ।

ପଞ୍ଚମ ପରିଚ୍ଛେଦ ।

ପ୍ରଥମ ମିଳନ ।

ଦିବ୍ୟସିଂହ ଗୃହକୁ ଯିବା ପୂର୍ବରୁ ସହଚରମାନେ ମୋହିନୀଙ୍କୁ ଗୋଟିଏ ସୁସଜ୍ଜିତ ଗୃହରେ ଛାଡ଼ି ଦେଇଗଲେ । ଗୃହରେ ସମସ୍ତେ ଶୟନ କଲାପରେ ଦିବ୍ୟସିଂହ ମୋହିନୀର କକ୍ଷରେ ପ୍ରବେଶ କଲେ । କକ୍ଷରେ ପ୍ରବେଶ କଲାମାତ୍ରକେ ସମ୍ମୁଖରେ ପଲଙ୍କ ଉପରେ ପ୍ରିୟତମା ମୋହିନୀକୁ ଦେଖିଲେ । ମୋହିନୀ ଅବଗୁଣ୍ଠନ-ବତୀ, ତଥାପି ତାହାର ସୌନ୍ଦର୍ଯ୍ୟରାଶି ଅତୁଳନୀୟ ଅଟେ । ଦିବ୍ୟସିଂହ ବାହ୍ୟେ, ଅନ୍ତରେ, ମୋହିନୀର ରୂପୈଶ୍ୱର୍ଯ୍ୟମୟୀ ମନମୁଗ୍ଧକାରିଣୀ ପ୍ରତିମା ଦେଖି ତନ୍ମୟତ୍ୱ ପ୍ରାପ୍ତ ହେଲେ । ମନେ୨ ଭାବିଲେ, ତାହାଙ୍କ ପରି ଏ ଜଗତରେ ଆଉ କେହି ସୁଖୀ ନୁହେଁ ; କ୍ରମେ ମୋହିନୀର ଅବଗୁଣ୍ଠନ ଉନ୍ମୋଚନ କରିବାକୁ ଯାଇ ମଧ୍ୟ ପରାସ୍ତ ହେଲେ । ମୋହିନୀର ଲଜ୍ଜା କ୍ରମଶଃ ବର୍ଦ୍ଧିତ ହେବାକୁ ଲାଗିଲା ; କିନ୍ତୁ ଏହି ଲଜ୍ଜାରେ କି ଅତୁଳ ସୁଖ ! କି ହୃଦୟର ଅତୁଳ ଆନନ୍ଦ ! ପାଠିକା, ସ୍ୱାମୀର ସହିତ ପ୍ରଥମ ମିଳନରେ ଲଜ୍ଜାରେ ମସ୍ତକ ଅବନତ କରି, ଅବଗୁଣ୍ଠନରେ ମୁହଁ ଢଙ୍କାଇ କପରି ଆନନ୍ଦ ପାଅ, ତାହା ଆଉ ତୁମ୍ଭଙ୍କୁ ବୁଝାଇ ଦେବାକୁ ହେବନାହିଁ, ତୁମ୍ଭେ ନିଜେ ତାହା ଜାଣ, କିନ୍ତୁ କେତେ କଷ୍ଟପରେ ବିଦ୍ୱାନ୍, ଗୁଣବାନ୍ ଏବଂ ରୂପବାନ୍ ସ୍ୱାମୀ ପାଇଅଛ, ମୋହିନୀ ! ତାହାଙ୍କୁ ତୁମ୍ଭର ଏତେ ଲଜ୍ଜା କରିବାର ଉଚିତ ନୁହେଁ । ଦିବ୍ୟସିଂହ

Digitized by PPRACHIN, SOA

ତେତେବେଳେ ସ୍ୱର୍ଗର ସୁଖକୁ ମଧ୍ୟ ଅକିଞ୍ଚିତକର ବୋଲି ମନେ କରୁଅଛନ୍ତି । ସୁଖଲାଳସିତ ହୋଇ ଜଗତର ମୁଗ୍ଧ ପ୍ରାଣୀ, ପାଶବ ପ୍ରବୃତ୍ତିର ଛାୟାରେ କେତେ ପ୍ରକାର ଅସାର ବୃଥା କଳ୍ପନାରେ ଉଦ୍‌ଭ୍ରାନ୍ତ ହୋଇ ବିଚରଣ କରେ । ହାୟ ! ସମସ୍ତ ଯେ ଆଶାମରୀଚିକା ! ଗୃହ କେନ୍ଦ୍ରର ନିଭୃତାନ୍ତରାଳେ, ଯେ ବୈଜୟନ୍ତ ସୁଖ ନିହିତ ଅଛି, ତାହା କି ସେମାନେ କେବେ ଭାବିଥାନ୍ତି ! ବହୁ ଚେଷ୍ଟାପରେ ଦିବ୍ୟସିଂହ ଅବଗୁଣ୍ଠନ ଉନ୍ମୋଚନ କରିବାକୁ ସକ୍ଷମ ହେଲେ । ପ୍ରାଣଭରି ସ୍ନେହରସସିକ୍ତ ଆବେଗପୂର୍ଣ୍ଣ ସ୍ନେହମୟ କଣ୍ଠରେ ଦିବ୍ୟସିଂହ ନତପ୍ରାଣା ପତ୍ନୀର ମୁଖପଦ୍ମ ଦୃଷ୍ଟିପାତ କରି ଡାକିଲେ,—"ମୋହିନି !"

ମୋହିନୀ ଦେଖିଲେ, ସ୍ୱାମୀ ଏକଦୃଷ୍ଟିରେ ତାହାର ମୁଖଆଡ଼କୁ ତୃଷିତ ନୟନରେ ଚାହିଁ ଅଛନ୍ତି ।

ମୋହିନୀ ଈଷତ୍‌ହାସ୍ୟରେ ପଚାରିଲେ—"ମୋହର ମୁହଁରେ ଏତେ ଦେଖିବାର କଣ ଅଛି" ? କଣ ଦେଖୁଛ ପ୍ରାଣନାଥ ! ଦିବ୍ୟସିଂହ ଉତ୍ତର କଲେ—କଣ ଦେଖୁଛି ? ତାହା କହିପାରେ ନା । ଦେଖୁଛି—ତୁମ୍ଭର ଅନନ୍ତ ସୌନ୍ଦର୍ଯ୍ୟମୟ ମୋହିନୀ ରୂପର ମାଧୁର୍ଯ୍ୟ । ଦେଖୁଛି—ଭକ୍ତିତରୂପିଣୀ ଆଦ୍ୟାଶକ୍ତି ରୂପର କଣାଂଶ ବିକାଶ ! ଦେଖୁଛି, ଦୁଃଖଜ୍ୱାଳାମୟ ସଂସାରରେ ସୁଖର ସ୍ୱର୍ଗ ପ୍ରତିମା ! ଦେଖୁଛି ! ମୋହର ପ୍ରାଣତୋଷିଣୀ ମୋହିନୀ । ଦିବ୍ୟସିଂହ ମନେ ମନେ ଭାବିଲେ, ସେ ମର୍ତ୍ତ୍ୟଲୋକରେ ଥାଇ, ସ୍ୱର୍ଗର ସୁଖସମ୍ଭୋଗ କରୁଅଛନ୍ତି । ଯାହାର ଏପରି ଗୁଣବତୀ ବନିତା, ତାହା ପକ୍ଷେ ଏହି ଯନ୍ତ୍ରଣାପୂର୍ଣ୍ଣ ସଂସାର ନନ୍ଦନକାନନ ପରି ଅତୁଳ ଶୋଭା—ସମ୍ପଦ ସମ୍ପନ୍ନ । ସେ ମୋହିନୀକୁ ଅତ୍ୟନ୍ତ ସ୍ନେହ କରିବାକୁ ଲାଗିଲେ । ମୋହିନୀର ଅତୁଳନୀୟ ରୂପଲାବଣ୍ୟ ପାଇଁ ନୁହେଁ; ତାହାର ରମଣୀୟ ସୁଲଭ ସରଳତା, ପତିପ୍ରାଣମୟ ଭାବ ଦେଖି ସେ ମୋହିତ ହୋଇଗଲେ । ମନେ୨ ଭାବିଲେ, ମୋହିନୀ ଅପ୍ସରୀ ମାନବୀ ରୂପରେ ତାହାକୁ

Digitized by PPRACHIN, SOA

ଛଳିବାକୁ ଆସିଅଛୁ । ତୋହଲେ ଏକାଧାରରେ ଏତେରୂପ, ଏତେ ଗୁଣ ସମ୍ପନ୍ନ ସ୍ତ୍ରୀକି କେବେ ମାନବୀ ହୋଇ ପାରେ ! ମୋହିନୀ ଦେବ୍ୟସିଂହଙ୍କର ସ୍ନେହ ସମସ୍ତ ମନେକର ଅନ୍ତ ଆଶ୍ଚର୍ଯ୍ୟ ହେଲେ । ଏତେ ସ୍ନେହ କି ଚିରଦିନ ଥିବ; କମ୍ବା ନୂଏତ ଯୌବନର ରୂପୋ-ନ୍ମାଦ ଦେବ୍ୟସିଂହଙ୍କୁ ଏତେ ମୁଗ୍ଧ କରଅଛି । ମୋହିନୀ ମନର ଭାବ ଗୁପ୍ତଭାବରେ ରଖିପାରିଲା ନାହିଁ । କହିଲା,—"ଜୀବିତେଶ୍ୱର ! ଏତେ ସ୍ନେହ କି ଚିରଦିନ ଥିବ ?" ଦେବ୍ୟସିଂହ ପ୍ରେମମୁଗ୍ଧ, ସେ କୌଣସି ଉତ୍ତର ଦେଇ ପାରିଲେ ନାହିଁ । ଏହି ସମୟରେ ସହସା ନିକଟସ୍ଥ ବୃକ୍ଷଶାଖାରୁ ପେଚକର ଗମ୍ଭୀର ନିନାଦ ଶ୍ରୁତ ହେଲା । ସେ ଅଶୁଭ ଶବ୍ଦରେ ମୋହିନୀର କୋମଳ ପ୍ରାଣ କମ୍ପି ଉଠିଲା । ଦେବ୍ୟସିଂହ ମଧ ଇତସ୍ତତ ଚାହିଁ ରହିଲେ । ମୋହିନୀ କହିଲା —"ଆଉ ବୃଥା ରାତି ଜାଗ ନାହିଁ । ଶରୀର ଅସୁସ୍ଥ ହେବ । ଏ ଦାସୀ ତ ଚିରଦିନର !" ଉଭୟେ ସେହି ସୁଖର ସ୍ୱପ୍ନରାଜ୍ୟରେ, ପ୍ରେମର ସ୍ନେହମୟ କୋଳରେ ନିଦ୍ରିତ ହେଲେ । ନିଦ୍ରାର କୋଳରେ ସ୍ୱପ୍ନ ଅବସ୍ଥାରେ ଦେବ୍ୟସିଂହ ଶୁଣିବାକୁ ଲାଗିଲେ;—

"ଜନମେ ଜନମେ ଜୀବନେ ମରଣେ,
ତୁମ୍ଭେ ହୁଅ ପ୍ରାଣ ସ୍ୱାମୀ ।"

ଆଉ ମୋହିନୀ ଦେଖିବାକୁ ଲାଗିଲା —ଯେପରି ସେ ଏକ ସୁନ୍ଦର ସ୍ଥାନରେ ଉପସ୍ଥିତ ହୋଇ ଅଛି । ଅତ୍ତପ୍ରସ୍ଫୁଟିତ ଜ୍ୟୋତ୍ସ୍ନା-ଲୋକ ଧରଣୀବକ୍ଷରେ ଯଢିତ ହୋଇଅଛି । ପାର୍ଶ୍ୱଦେଶରେ ଖର ତରଙ୍ଗିଣୀ ପବିତ୍ର ସଲିଳା ନଦୀ, କଲ୍‌କଲ ରବେ ତାଳେ-ତରଙ୍ଗ ସହିତ ପ୍ରବାହିତ ହେଉଅଛି । ସେହି ସୁନ୍ଦର ସ୍ଥାନରେ ଏକ ସୁନ୍ଦର ମର୍ମ୍ମର ପ୍ରସ୍ତର ନିର୍ମ୍ମିତ ବେଦୀ । ସେହି ବେଦୀର ଉପରଭାଗରେ କିଏ ଯେପରି କେତେ କୋମଳ ସୁଗନ୍ଧ ପୁଷ୍ପ ରାଶି ଢାଳି ଦେଇଅଛି । ଗୃହଅଙ୍ଗେ ସଙ୍ଗିତ ସ୍ରୋତ ଉଠୁଅଛି । ସୁନ୍ଦର ତରଙ୍ଗରେ ଜ୍ୟୋତ୍ସ୍ନା-

Digitized by PPRACHIN, SOA

ଲୋକର ବକ୍ଷସ୍ଥଳରେ ଅଜ୍ଞାତ କଣ୍ଠ-ନିଃସୃତ ସଙ୍ଗୀତୋଚ୍ଛ୍ୱାସ ଭାସମାନ ହେଉଅଛି । ମୋହିନୀ ଯେପରି ସେହି ବେଦୀକା ଉପରେ ବସିଅଛି । ପାର୍ଶ୍ୱଦେଶରେ ଦିବ୍ୟସିଦ୍ଧ । ମୋହିନୀ ଏ ସମସ୍ତ ବ୍ୟାପାର ଦେଖି ଅତିଶୟ ବିସ୍ମିତ ହୋଇଅଛି । ସେ ଭୟଚକିତସ୍ୱରେ କହିଲା "ଆମ୍ଭେମାନେ କେଉଁ ସ୍ଥାନକୁ ଆସିଅଛୁ, ହୃଦୟେଶ୍ୱର ! ଏ ସ୍ଥାନକୁ ଆସିବାର ଉଦ୍ଦେଶ୍ୟ କଅଣ ।

ଦିବ୍ୟସିଦ୍ଧ ଉତ୍ତର କଲେ—" ଏ ପବିତ୍ର ପ୍ରେମରାଜ୍ୟ । ଏ ସ୍ଥାନରେ ପ୍ରେମରେ ସନ୍ଦେହ ନାହିଁ । ଯେଉଁମାନଙ୍କର ପତ୍ନୀ ପତିବ୍ରତା ପତିପ୍ରାଣା—ସେମାନେ ସମୟେ ୨ ରେ ଏ ସ୍ଥାନକୁ ଆସି ପାରନ୍ତି । ଯେଉଁମାନଙ୍କର ସ୍ୱାମୀ ପତ୍ନୀଗତ ପ୍ରାଣ—ସେମାନେ ଏ ସ୍ଥାନକୁ ଆସି ପାରନ୍ତି ସେଥିପାଇଁ ତୁମ୍ଭେ ଓ ମୁଁ ଏସ୍ଥାନକୁ ଆସିଅଛୁ ।" ମୋହିନୀ ଆଗ୍ରହର ସହିତ କହିଲେ—" ଏହିପରି ଆନନ୍ଦରେ କି ଚିରଦିନ ଅତିବାହିତ ହେବ ! ତୁମ୍ଭେ ଚିରଦିନଙ୍କ ଏହିପରି ଥିବ ।"

କଥାଶେଷ ହେଲା ନାହିଁ । କୁହୁକ ବଳରେ ଯେପରି ସେ ଜ୍ୟୋତ୍ସ୍ନାଲୋକ ନିର୍ବାଣ ପ୍ରାପ୍ତ ହେଲା । କୌଣସି ଅଜ୍ଞାତ ହସ୍ତର ମାୟାଯଷ୍ଟିର ଆଘାତରେ, ଯେପରି ସମସ୍ତ ସଙ୍ଗୀତ ଯନ୍ତ୍ରର କଣ୍ଠରୁଦ୍ଧ ହେଲା । ପୁଷ୍ପର ଗନ୍ଧ ମଧ୍ୟ କେଉଁଆଡ଼େ ଗୁଲିଗଲା ; ତାହାର ପରିବର୍ତ୍ତରେ ନରକର ପୂତିଗନ୍ଧରେ ସେ ସ୍ଥାନ ପୂର୍ଣ୍ଣ ହେଲା । କ୍ରମଶଃ ଶ୍ୱାସ ବନ୍ଦ ହେବାକୁ ଲାଗିଲା । ତରଙ୍ଗିଣୀର କଳନାଦ ମଧ୍ୟ ରୁଦ୍ଧ ହୋଇଗଲା ।

ଭୟଙ୍କର ତୋଫାନ ସମୟରେ ଆଲୋଡ଼ିତ ସଲିଳ ରାଶି ଯେପରି ଗମ୍ଭୀର ନିନାଦ କରେ, ପାର୍ଶ୍ୱପ୍ରବାହିନୀ ତରଙ୍ଗିଣୀର ବକ୍ଷସ୍ଥଳରୁ ସେହିପରି ଗମ୍ଭୀର ନିନାଦ ଉତ୍ଥିତ ହେଲା । ହାୟ ! ଯେପରି ଶ୍ୱାସ ବନ୍ଦ ହୋଇ ଯାଉଅଛି ।"

ମୋହିନୀ ଭୀତାହୋଇ ଚିତ୍କାର କରି ଉଠିଲା । ତାହାର

Digitized by PPRACHIN, SOA

ପ୍ରାଣ ଯେପରି ଓଷ୍ଠାଗତ ହୋଇଅଛି । କିନ୍ତୁ ହାୟ ! ଏ ବିପଦରେ ଦିବ୍ୟସିଂହ କେଉଁଠାରେ ! ତେବେ ସେ କଣ ଏକାକୀ ଏହି ଅନ୍ଧକାରରେ ପଡିଅଛି ?

ମୋହିନୀ ପୁନର୍ବାର ଚିତ୍କାର କରି ଉଠିଲା—"ହୃଦୟେଶ୍ୱର, ତୁମ୍ଭେ କେଉଁଠାରେ ! ମୋତେ ରକ୍ଷାକର । ହାୟ ! କାହିଁକି ଏପରି ହେଲା ।"

କିଏ ଯେପରି ରମଣୀକଣ୍ଠେ ମୃଦୁ ତିରସ୍କାର ସହିତ, ପ୍ରତିଧ୍ୱନିତ କରି ଉଠିଲା । "ମୋହିନୀ ତୁମ୍ଭେ ଆଜ ଅନ୍ତଃକରଣରେ ସ୍ୱାମୀ ପ୍ରତି ଅଳ୍ପ ଅବିଶ୍ୱାସ କରିଥିଲ, ସେଥିପାଇଁ ତୁମ୍ଭର ଏ ବିପଦ ହେଲା ।"

ମୋହିନୀ କାତର କଣ୍ଠରେ କହିଲା—"ମୋହର ସ୍ୱାମୀ କେଉଁ-ଠାରେ ! ତୁମ୍ଭେ କିଏ ? ମୋତେ ରକ୍ଷାକର । ଏ ଭୀଷଣ ଅନ୍ଧକାରରୁ ମୋତେ ନିସ୍ତାର କର । ସହସା ମୋହିନୀର ନିଦ୍ରା ଭଗ୍ନ ହେଲା । ମୋହିନୀ ସବିସ୍ମୟେ ଦେଖିଲା—"ସେ ତାହାର ନିଜକକ୍ଷରେ ଦୁଗ୍ଧଫେନନିଭ ଶଯ୍ୟାରେ ଶୋଇଅଛି । ଆଉ ତାହାର ପାର୍ଶ୍ୱ-ଦେଶରେ ଦିବ୍ୟସିଂହ ମଧ୍ୟ ଶୋଇ ଅଛନ୍ତି ।"

ମୋହିନୀ ସ୍ୱପ୍ନରେ ଅସ୍ଥିର ହୋଇ ପଡ଼ିଲା । ସେ କିୟତ୍‌କ୍ଷଣପରେ ସାନ୍ତ୍ୱନା ଲଭକରି ସ୍ୱାମୀର ପଦବନ୍ଦନା କରିତଃ, ଚିତ୍ରପଟ୍ଟରେ ଅଙ୍କିତ ଇଷ୍ଟଦେବତା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଉଦ୍ଦେଶରେ ଯୁକ୍ତକରେ ପ୍ରଣାମ କଲା ।

ରାତ୍ରି ପ୍ରାୟ ଦୁଇଘଡ଼ି ଥାଉଁ ନାଳକୁ ସ୍ନାନ କରିବାକୁ ଯିବାପାଇ ପରିଚାରିକା ସଙ୍କେତାନୁସାରେ ଆହ୍ୱାନ କଲା, ସେ ପରିଚାରିକା ସହିତ ମିଳିତ ହୋଇ ସ୍ନାନ କରିବାକୁ ଗଲା । ଦିବ୍ୟସିଂହ ଅତି ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କଲେ ।

Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ ।

ଭବିଷ୍ୟତର ସୂକ୍ଷ୍ମପଥ ।

ସଂସାରରେ ଯାହା ହେବାର ତାହା ହୋଇଯାଏ । ବାଧା ଦେଇ କେହି ରଖିପାରେ ନାହିଁ । ବିବାହର କାର୍ଯ୍ୟ ସମସ୍ତ ଶେଷ ହୋଇଅଛି । ବନ୍ଧୁ ବାନ୍ଧବାଦି ଲୋକମାନେ ସମସ୍ତେ ନିଜ ନିଜ ଆବାସାଭିମୁଖେ ଗମନ କରିଅଛନ୍ତି । ଜମିଦାର ଗୋପିନାଥ ମହାନ୍ତି ଏବଂ ଅନ୍ନପୂର୍ଣ୍ଣା ବୃଦ୍ଧ ହୋଇ ଯାଇଥିବାରୁ ବହୁ ଦିବସରୁ ସେମାନଙ୍କର ତୀର୍ଥ ପର୍ଯ୍ୟଟନର ଅଭିଳାଷ ଜନ୍ମିଥିଲା ; ବର୍ତ୍ତମାନ ପୁତ୍ରର ବିବାହ କାର୍ଯ୍ୟ ଶେଷକରି, ଚନ୍ଦ୍ରମାଧବ ବାବୁଙ୍କୁ ସମସ୍ତ ଇଷ୍ଟେଟ ରକ୍ଷଣାବେକ୍ଷଣର ଭାର ଏବଂ ପୁତ୍ରର୍ ଓକାଲତି ପଢ଼ିବାକୁ ଯିବାର ଆୟୋଜନ କରିଦେଇ ବୃନ୍ଦାବନ ଯିବାର ବନ୍ଦୋବସ୍ତ କରିଅଛନ୍ତି । ଅନ୍ନପୂର୍ଣ୍ଣାଙ୍କର ଇଚ୍ଛାକ୍ରମେ ମୋହିନୀର ମାତାଙ୍କୁ ମଧ୍ୟ ନେବାର ସ୍ଥିର ହୋଇଅଛି । କିନ୍ତୁ ଦିବ୍ୟସିଂହ ପିତା ମାତାଙ୍କୁ ଏତେ ଶୀଘ୍ର ନଯିବାପାଇଁ ଅନୁନୟ କରି କହିଥିଲେ, ତାହା ସେମାନେ ଅଗ୍ରାହ୍ୟ କରିଅଛନ୍ତି । ଜମିଦାର ଗୋପିନାଥ ମହାନ୍ତି ଦିବ୍ୟସିଂହଙ୍କୁ ବୁଝାଇ ଦେଇଅଛନ୍ତି ଯେ ଚନ୍ଦ୍ରମାଧବ ବାବୁପରି ବିଶ୍ୱାସୀ କର୍ମନିଷ୍ଠ ଏବଂ ଉପଯୁକ୍ତ ଲୋକ ତାହାଙ୍କର ଇଷ୍ଟେଟରେ ଥାଉଁ ଥାଉଁ ତାହାଙ୍କର କୌଣସି ବିଷୟରେ କିଛି କ୍ଷତି ହେବନାହିଁ ଏବଂ ପିତାଙ୍କ ତୀର୍ଥ ପର୍ଯ୍ୟଟନରେ ବାଧା ଦେବା ପୁତ୍ରର ଉପଯୁକ୍ତ କର୍ମ୍ମ ନୁହେଁ, ତେଣୁ ଦିବ୍ୟସିଂହବାବୁ କୌଣସି ଆପତ୍ତି ନ କରି ପିତା ମାତାଙ୍କର ଯିବା ନିମିତ୍ତ ସମ୍ମତି ପ୍ରକାଶ କରିଅଛନ୍ତି । ଗୋଟିଏ ଶୁଭଦିନ ଦେଖି ଜମିଦାର ଗୋପିନାଥ ମହାନ୍ତି, ଅନ୍ନପୂର୍ଣ୍ଣା, ମୋହିନୀର ମାତା କେତେକ ଜଣ ପରିଚାରକ ଏବଂ ପରିଚାରିକା ସମଭିବ୍ୟାହାରରେ ବୃନ୍ଦାବନ ଯାତ୍ରାକଲେ । ଦୁଇ ମାସ ପରେ ଓକାଲତି ଶ୍ରେଣୀର ଆରମ୍ଭରୁ ଦିବ୍ୟସିଂହବାବୁ ନିଜପତ୍ନୀ ମୋହିନୀ ସହିତ କଲିକତା ଯାତ୍ରା କରିବେ । ବର୍ତ୍ତମାନ ଦିବ୍ୟସିଂହବାବୁ ତାହାଙ୍କର ଘରର

Digitized by PPRACHIN, SOA

ଅଭିଭାବକ । ସେ ଦିବା ଭିତର ଅଧିକାଂଶ ସମୟରେ ନିଜ ସିରସ୍ତାର କାଗଜପତ୍ର ଦେଖନ୍ତି, ତେବେ ସୁବିଧା ସମୟ ଅନୁସାରେ ଅନ୍ତଃପୁରକୁ ଆସି ମୋହିନୀର ସହିତ ଦେଖାକରି ସୁବିଧା ଅସୁବିଧା ବୁଝନ୍ତି ଏବଂ ଦୁଇଟି ଗୋଟିଏ ଗଳ୍ପ କରିଯାନ୍ତି ।

ସନ୍ଧ୍ୟାପରେ ଅନ୍ଦରମହଲକୁ ଆସନ୍ତି । କିଛିଏ ସଙ୍ଗୀତାଳାପ କିଛିଏ ପୁସ୍ତକପାଠ କିଛିଏ ମୋହିନୀର ସହିତ ଉପଦେଶ ଓ ଗଳ୍ପ ଏହିପରି ଭାବରେ ରାତ୍ରି ହୋଇ ପଡ଼େ । ଶେଷରେ ନିଦ୍ରାଦେବୀର ମୋହିନୀ ମାୟାର ଶାନ୍ତ କୋଡ଼ରେ ଦୁଇଜଣ ଯାକ ଅଙ୍ଗ ଢଳାଇ ସୁଖସ୍ୱପ୍ନ ଦେଖନ୍ତି ।

ମୋହିନୀ ମନେ୨ ଭାବେ ତାହାପରି ସୌଭାଗ୍ୟବତୀ ରମଣୀ ଅତି-ଅଳ୍ପ ଅଛନ୍ତି । କାରଣ ସ୍ୱାମୀଙ୍କ ଅଗାଧ ପ୍ରେମର ସେ ଏକମାତ୍ର ଅଧିକାରିଣୀ; ସ୍ୱାମୀ ପରି ସ୍ୱାମୀ—ଧନରେ, ରୂପରେ, ଗୁଣରେ, ଦୟାରେ, ପ୍ରେମରେ, ସ୍ନେହରେ କେଉଁ ବିଷୟରେ ଦିବ୍ୟସିଂହ ଶ୍ରେଷ୍ଠ ନୁହନ୍ତି । ଏହିପରି ଏକମାସ ସମୟ ଅତିବାହିତ ହେଲା । ଜମିଦାର ଗୋପିନାଥ ମହାନ୍ତିଙ୍କ ଉପସ୍ଥିତି ସମୟରେ ଇଷ୍ଟେଟ ଯେପରି ଚଳୁଥିଲା, ସେହିପରି ଚଳିବାକୁ ଲାଗିଲା । ବିଚକ୍ଷଣ ମେନେଜର ଚନ୍ଦ୍ରମୋହନ ବାବୁ ସମସ୍ତ କାର୍ଯ୍ୟ ନିର୍ବାହ କରିଥାନ୍ତି—ଦିବ୍ୟସିଂହ ବାବୁ କେବଳ ଦସ୍ତଖତର ମାଲିକ ।

ଏକଦିନ ଗଭୀର ରାତ୍ରିରେ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ଗୋଟିଏ ପରାମର୍ଶ ହେଉଥିଲା । ତାହା ଆମ୍ଭମାନଙ୍କର ଶୁଣି ରଖିବା ଉଚିତ । ଅନ୍ୟର ଗୁପ୍ତ ପରାମର୍ଶ ଶ୍ରବଣରେ ପାପ ଅଛି କିନ୍ତୁ ଗ୍ରନ୍ଥକାର ଗଣ ସର୍ବଦା ଏପରି ଘଟଣାରେ ବିଧାତାର ନିୟମରେ ପାପ ବର୍ଜିତ ।

ମୋହିନୀ ପଲଙ୍କୋପରି ଉପବିଷ୍ଟା । ଦିବ୍ୟସିଂହ ଗୋଟିଏ କାଷ୍ଠା-ସନରେ ବସି ଧୂମ୍ରପାନ କରୁଅଛନ୍ତି । ଦୁଇଜଣ ଯାକ ନିବିଷ୍ଟ ଚିତ୍ତରେ କଣ ଭାବୁ ଅଛନ୍ତି । ସହସା ଦିବ୍ୟସିଂହ ମୌନଭଙ୍ଗ କରି କହିଲେ

Digitized by PPRACHIN, SOA

"ଏତେ ଦିନ ଗ୍ରାମରେ ଭଲ ଲାଗୁଥିଲା କିନ୍ତୁ ଏବେ ଆଉ ଭଲ ଲାଗୁନାହିଁ । ତୁମ୍ଭେ ମଧ୍ୟ ମୋହ ସହିତ କଲିକତା ଯିବାର କଥା । ଚାଲ ଦିନାକେତେ କଲିକତା-ଦେଖି । ମୋହର ଓକାଲତି ଶ୍ରେଣୀ ଖୋଲିବା ଅଳ୍ପଦିନ ରହିଲା । ବିଶେଷତଃ ଭାରତସମ୍ରାଟଙ୍କର ଜନ୍ମ-ଦିନ ଉପଲକ୍ଷେ କଲିକତାରେ ଧୁମଧାମ ହୋଇଥାଏ । ସେ ପର୍ବ ମଧ୍ୟ ଅଳ୍ପଦିନ ରହିଲା ।" ମୋହିନୀ ଉତ୍ତର କଲା "ତୁମ୍ଭର ଯାହା ଇଚ୍ଛା ହେଉଅଛି ତାହାକର । ମୋହର ପୁଣି ଗୋଟିଏ ମତକଣ ପଚାରୁଛି । ଏଠାରେ କାର୍ଯ୍ୟର ଭାର ସମସ୍ତ ଚନ୍ଦ୍ରବାବୁଙ୍କ ଉପରେ ନ୍ୟସ୍ତରହିଲା । ମୋହର ମଧ୍ୟ ଗୋଟିଏ ନୂତନ ସ୍ଥାନ ଦେଖିବାକୁ ଭାରି ଆଶା ହେଉ-ଅଛି । ତାହାହେଲେ କେବେ କଲିକତା-ଯିବା ?"

ହରିସିଂହ କହିଲେ " ଅମ୍ଭମାନଙ୍କୁତ ଘରଭଡ଼ା ଦେବାକୁ ହେବନାହିଁ । ବଡ଼ବଜାରରେ ଅଜାଙ୍କ ଅମଳରୁ ଗୋଟିଏ ପକ୍କାଘର କିଣା ହୋଇଅଛି । ତେବେ ଘରଗୁଡ଼ାକରେ ଟିକିଏ ଚୂନକାମ କରିବାକୁ ହେବ, ତା ମୁଁ ସେଠାକାର ଲକ୍ଷ୍ମୀଧର ବାବୁଙ୍କୁ ଲେଖି ମରାମତ କରାଇ ନେଇପାରିବି ।"

ମୋହିନୀ ଉତ୍ତର କଲେ—" ସେ ଭଲ କଥା, ହଁ ହଁ ; ଗୋଟିଏ କଥା ମୁଁ ଭୁଲି ଯାଇଅଛି । ସ୍ୱାମୀ ସହିତ କଲିକତା ଯିବା, କିମ୍ବା ଅନ୍ୟ କୌଣସି ଦୂର ବିଦେଶ ଯିବା ଅମ୍ଭମାନଙ୍କର ସମାଜରେ ଘୃଣା କର-ଆନ୍ତି କାହିଁକି ?"

ହରିସିଂହ କହିଲେ "ସେ ଗୁଡ଼ାକ କଥାର କଥାନୁହେଁ, ଆଗେ ମରହଟ୍ଟା ଅମଳରେ କେହି କଲିକତା ଦେଖିଥିଲେ ନାହିଁ କିମ୍ବା ଦୂର ବିଦେଶ ଯାଉଥିଲେ ନାହିଁ ସେଥିପାଇଁ କେହି ଜଣେ ଗଲେ, ତାହା ଉପରେ ସମସ୍ତଙ୍କର ବିଷଚକ୍ଷୁ ପଡୁଥିଲା; ଆଜିକାଲି, ରେଲ ହେବାଦିନରୁ ଅନେକଲୋକେ ନିଜର ସ୍ତ୍ରୀ ସହିତ ଦୂର ବିଦେଶ ଗଲେଣି" ମୋହିନୀ । "ସେ ସମସ୍ତ କଥା ଆଜି ଥାଉ । ବହୁତ ରାତି

Digitized by PPRACHIN, SOA

ହୋଇଲଣି—କାଲି ସକାଳୁ ଉଠି କଲିକତା ଯିବାର ବନ୍ଦୋବସ୍ତ କରିବ ।”

ଉଭୟେ ସାନନ୍ଦ ଚିତ୍ତରେ ଶଯ୍ୟାର ଆଶ୍ରୟ କଲେ । ମୋହିନୀ ସ୍ୱପ୍ନରେ ଦେଖିବାକୁ ଲାଗିଲା; ସେ ଯେପରି କଲିକତା ଯାଇଅଛି, କେତେ କୋଠାଘର କେତେ ରକମର ଆଲୁଅ କେତେ ବଜାର କେତେ ଯେ କଣ ଦେଖୁଛି ତାହାର ଆଉ ଇୟତ୍ତା ନାହିଁ !

ଏ ଗମ୍ଭୀର ସ୍ୱପ୍ନରେ ମଧ୍ୟ କିଏ ଯେପରି ମୋହିନୀର କର୍ଣ୍ଣକୁହର ମଧ୍ୟରେ କହିଲା, “କଲିକତା ଯିବା ବନ୍ଦକଲେ ଭଲହୁଅନ୍ତା । ଏଥିରେ ତୁମ୍ଭର ସର୍ବନାଶର ବୀଜ ଅଙ୍କୁରିତ ହେବ । ସାବଧାନ !”

ମୋହିନୀ ସକାଳେ ସ୍ୱପ୍ନର ସାବଧାନ ବାଣୀ ପ୍ରଭାତରେ ଭୁଲିଗଲା । ଏକଥାଟି ତାହାର ମନେଥିଲେ ଅତି ଭଲହୁଅନ୍ତା କିନ୍ତୁ ଭବିତବ୍ୟ ତାହା ମନେ ରଖିବାକୁ ଦେବ କାହିଁକି ?

ସପ୍ତମ ପରିଚ୍ଛେଦ ।

ହୃଷୀକେଶ ବାବୁ ।

କଲିକତା ବାବୁର ସହର । ବହିର୍ଭାଗରେ ବାବୁଆନାର ଅତିଶଯ୍ୟ ଚାକଚକ୍ୟ କିନ୍ତୁ ଆଭ୍ୟନ୍ତରୀଣ ସମସ୍ତ ଛଳନାପୂର୍ଣ୍ଣ । ବାବୁ ବୈଚିତ୍ର୍ୟ ଲାଗି ଏ ସହରର ଖୁବ୍ ପ୍ରତିପତ୍ତି ଅଛି । ଓକିଲ ବାବୁ, ଡାକ୍ତରବାବୁ, ଏଟର୍ଣ୍ଣି ବାବୁ, ପଲିଟିକେଲ ବାବୁ, ଦଲାଲ ବାବୁ, ସମ୍ପାଦକ ବାବୁ, ଥିଏଟରର ମାନେଜର-ବାବୁ, କାପ୍ତେନ୍ ବାବୁ, କରାନି-ବାବୁ ସକାଳ-କୁଷ୍ମାଣ୍ଡ ଓ ଅକାଳ-କୁଷ୍ମାଣ୍ଡ ବାବୁ ଅନେକପ୍ରକାର ବାବୁରେ ସହରଟି ପୂର୍ଣ୍ଣ । ଆମ୍ଭମାନଙ୍କର ହୃଷୀକେଶବାବୁ ମଧ୍ୟ ଜଣେବାବୁ, କାର୍ଯ୍ୟତଃ ତାହାଙ୍କର କଥାଟି କହିବାକୁ ହେବ ।

Digitized by PPRACHIN, SOA

ଦିବ୍ୟସିଂହ ବଡ଼ବଜାରରେ ଯେଉଁ ଘରେ ବାସକରନ୍ତି, ତାହାର ସମ୍ମୁଖରେ ରାସ୍ତାର ଅପରପାର୍ଶ୍ୱସ୍ଥ ଅନତିଦୂରରେ ଗୋଟିଏ ସୁନ୍ଦର ତ୍ରିତଳ ପ୍ରାସାଦ । ଏହି ତ୍ରିତଳ ପ୍ରାସାଦର ବାରନ୍ଦାରେ ନୀଳବର୍ଣ୍ଣର ପରଦା ଦିଆହୋଇଅଛି । ଫାଟକରେ ପହରୀବାଲା । ଅଶ୍ୱଶାଳାରେ ଗାଡ଼ି-ଘୋଡ଼ା । ଦିବ୍ୟସିଂହ ପନ୍ଦରଦିନ ହେଲା କଲିକତା ଆସିଅଛନ୍ତି । ନିତ୍ୟ ପିତା-ମାତାଙ୍କଠାରୁ ପତ୍ର ପାଉଥାନ୍ତି । ମୋହିନୀ ତାହାଙ୍କ ସହିତ ଆସିଅଛି । ଏହି ପନ୍ଦରଦିନ ମଧ୍ୟରେ ଦିବ୍ୟସିଂହସହିତ ତାହାଙ୍କ ପ୍ରତିବେଶୀ ହୃଷୀକେଶବାବୁଙ୍କର ଅତ୍ୟନ୍ତ ସହୃଦ୍ୟତା ଜନ୍ମିଅଛି । ଉଭୟେ ସମବୟସ୍କ । ତହିଁରେ ପୁଣି ହୃଷୀକେଶବାବୁ ଅତି ଅମାୟିକ ଲୋକ ଅଟନ୍ତି । ଦିବ୍ୟସିଂହ ଶୁଣିଅଛନ୍ତି ଯେ ଏକଜଣ ଉଚ୍ଚ ଦରର ଜମିଦାର । ବାଲେଶ୍ୱର, ଭଦ୍ରକ, ମେଦିନୀପୁରରେ ତାହାଙ୍କର ଜମିଦାରୀ । ଲୋକଟି ଅତ୍ୟନ୍ତ ସୌଖୀନ । ତାହାଙ୍କର ଚାଲିଚଳନ ଦେଖିଲେ ଖୁବ୍ ବଡ଼ଲୋକବୋଲି ବୋଧହୁଏ । ଦିବ୍ୟସିଂହ ମଧ୍ୟ ଟିକିଏ ସୌଖୀନ ହୋଇପଡ଼ିଛନ୍ତି । ତେଣୁକରି ଦୁଇଜଣଙ୍କର ବିଶେଷ ବନ୍ଧୁତା ହୋଇଅଛି । ସନ୍ଧ୍ୟାସମୟରେ ଦୁଇଜଣଯାକ ଏକତ୍ରେ ବାୟୁସେବନାର୍ଥ ବହିର୍ଗତ ହୁଅନ୍ତି । ହୃଷୀକେଶବାବୁ ହାରମୋନିୟମ୍ ବଜାନ୍ତି ଓ ଗାନକରନ୍ତି ଦିବ୍ୟସିଂହ ଶୁଣନ୍ତି । ତାସ ଓ ପଶାଖେଳ ମଧ୍ୟ ଦୁଇଜଣଙ୍କମଧ୍ୟରେ ହୋଇଥାଏ । ହୃଷୀକେଶବାବୁଙ୍କର ଜମିଦାରୀରୁ ମାଛ ଆସିଲା ସେହିପରି ତାହା ଦିବ୍ୟସିଂହବାବୁଙ୍କ ଘରେ ଦେଇଗଲେ । ତାଲୁକରୁ ଭଲ ଅମ୍ବ ଆସିଲା ; ସେହିପରି ତାହା ଦିବ୍ୟସିଂହବାବୁଙ୍କ ଘରକୁ ପଠାଇଦେଲେ । ଦିବ୍ୟସିଂହ ବଜାରରୁ ନାନାବିଧ ଦ୍ରବ୍ୟ କିଣି ଏହାର ପ୍ରତିଦାନ କରନ୍ତି । ଆଉ ମନେମନେ କହନ୍ତି "ହୃଷୀକେଶବାବୁ ଅତି ଭଦ୍ରଲୋକ" । ଦିବ୍ୟସିଂହ ଗୃହକୁ ଆସି ମୋହିନୀ ନିକଟରେ ହୃଷୀକେଶବାବୁଙ୍କର ସରଳତାର କଥା ଉଲ୍ଲେଖକରି ସୁଖ୍ୟାତି

Digitized by PPRACHIN, SOA

କରନ୍ତି । ଫଳରେ ହୃଷୀକେଶବାବୁ ଠିକଏ ନବ୍ୟଭାବାପନ୍ନ । ଦିବ୍ୟସିଂହ୍ ଖାଣ୍ଟି ସୌଖୀନ ହିନ୍ଦୁ ।

ଏକଦିନ ସନ୍ଧ୍ୟାସମୟରେ ହୃଷୀକେଶ ବାବୁଙ୍କର ବୈଠକଖାନାରେ ଉଭୟଙ୍କର କଥୋପକଥନ ହେଉଅଛି । ପାଠକଗଣଙ୍କର ତାହା ଶୁଣି ରଖିବା ଉଚିତ । ହୃଷୀକେଶବାବୁ ହସିକରି କହିଲେ, "ଦିବ୍ୟସିଂହ ବାବୁ, ଜାଣନ୍ତି ମୁଁ କିପରି ପ୍ରକୃତିର ଲୋକ । ଏ ସହରରେ ମୋହର ଅନେକ ବନ୍ଧୁ ଅଛନ୍ତି "କିନ୍ତୁ ଆପଣଙ୍କପରି ସରଳଚିତ୍ତ ଲୋକ ଖୁବ୍‌କମ୍ ଦେଖିଛି" ।

ଦିବ୍ୟସିଂହ କହିଲେ—"ସେଟା ଆପଣଙ୍କର ନିଜର ଅମାୟିକ ଗୁଣରେ କହୁଅଛନ୍ତି । ମୁଁ ଅନେକ ସମୟରେ ଭାବେ ମୁଁ ଆପଣଙ୍କର ବନ୍ଧୁତାର ଅଂଶ ନେବାର ସମ୍ପୂର୍ଣ୍ଣ ଅଯୋଗ୍ୟ" । ହୃଷୀକେଶ-ଛିଃ ଛିଃ ! ସେ କଥା କହିବେ ନାହିଁ; ଆଜ ଗୋଟାଏ ଭାରି ଶୁଭଖବର ପାଇଅଛି । ଆସନ୍ତୁ ଠିକଏ ଆନନ୍ଦ କରିଯାଉ ।" ଦିବ୍ୟସିଂହ—କି ଶୁଭ ସମ୍ବାଦ? ଶୁଣିବାକୁ ପାଇବି ନାହିଁକି ?

ହୃଷୀକେଶ ସେ କି କଥା—ଆପଣ ମୋହର ଭାଇ ଅପେକ୍ଷା ଅଧିକ । ଆପଣଙ୍କୁ କହିବି ନାହିଁତ ଆଉ କାହାକୁ କହିବି? ଆଜ ଗୋଟିଏ ଟେଲିଗ୍ରାମ୍ ପାଇଅଛି ମୋହର ଗୋଟିଏ ପୁଅ ଜନ୍ମ ହୋଇଅଛି । ଏହି ଦେଖନ୍ତୁ ଟେଲିଗ୍ରାମ୍ ।

ଦିବ୍ୟସିଂହ—ବଡ଼ ଆନନ୍ଦର କଥା । ଆଜ ବସାକୁ ଯାଇ ଏ ସମ୍ବାଦଟି ଦେବାକୁ ହେବ । ହୃଷୀକେଶ-"ଜାଣନ୍ତିତ ମୁଁ ଠିକଏ ନବ୍ୟ ପସନ୍ଦର ଲୋକ । ମଫସଲର ଜମିଦାରମାନେ ସହରକୁ ଆସି ଠିକଏ ନବାବି ଧରଣରେ ଚଳିବାକୁ ଇଚ୍ଛା କରିଥାନ୍ତି ! ଆଜ ମୋହର ମନ ମଧ୍ୟରେ ସେହିପରି ଭାବର ଉଦ୍ରେକ ହେଉଅଛି । ଠିକଏ ପାନ କରି ମନକୁ ଆନନ୍ଦିତ କରିବାକୁ ହେବ" ।

Digitized by PPRACHIN, SOA

ଢବ୍ୟସିଂହ—ସେଥିରେ କ୍ଷତି କଅଣ । ଆଜିକାଲି ଏହିପରି ପାନ ନ କଲେ ଭଦ୍ରଲୋକ ହୁଅନ୍ତି ନାହିଁ । ଆପଣ ସ୍ୱଚ୍ଛନ୍ଦେ ପାନକରି ପାରନ୍ତି । ହୃଷୀକେଶ—ଯଦି ଦୋଷ ମାଫ କରନ୍ତି, ଢବ୍ୟସିଂହ ବାବୁ, ତେବେ ଆଉ ଗୋଟିଏ କଥା କହିବି, ଅନ୍ତତଃ ଆପଣଙ୍କୁ ମଧ୍ୟ ଆଜି ଏ ଆନନ୍ଦରେ ଯୋଗଦେବାକୁ ହେବ । ଢବ୍ୟସିଂହ–ନା ଭାଇ, ମୋତେ ମାଫ କରନ୍ତୁ । ମୋହର ସ୍ତ୍ରୀ ଜାଣିବାକୁ ପାରିଲେ । ହୃଷୀକେଶ—ମୋହର କି ସ୍ତ୍ରୀ ନାହିଁ, ଢବ୍ୟସିଂହ ବାବୁ ? ଏହି ଗାଡ଼ିଘୋଡ଼ା ରେଳଘଡ଼ି ଯେପରି ବଡ଼ଲୋକଙ୍କର ଗୋଟିଏ ଅଙ୍ଗ—ସହରକୁ ଆସି ବନ୍ଧୁବାନ୍ଧବମାନଙ୍କ ସହିତ ଟିକିଏ ଆମୋଦର ଚେଷ୍ଟା ତାହା ଅପେକ୍ଷା ବେଶି ନୁହେ କି ? ଭାବି ଦେଖନ୍ତୁ, କଲିକତା ସହରରେ ବଡ଼ଲୋକମାନଙ୍କ ମଧ୍ୟରେ ଏପରି ନାହିଁ କାହାର ? ବଡ଼ଲୋକ ଛାଡ଼ି ଦିଅନ୍ତୁ ; ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ପରିମାଣ ବେଶୀ—ଓକିଲ, ଅଧ୍ୟାପକ, ଏଟର୍ଣ୍ଣି, ଡାକ୍ତର, ଧରିବସିଲେ ସମସ୍ତେ ।

ଢବ୍ୟସିଂହ ହୃଷୀକେଶବାବୁଙ୍କର ମୁହଁରେ ଏପରି କଥା କେବେ ଶୁଣି ନାହାନ୍ତି । ଆଜି ତାହାଙ୍କୁ ଟିକିଏ ଆଶ୍ଚର୍ଯ୍ୟ ହେବାକୁ ହେଲା । ସେ ହୃଷୀକେଶବାବୁଙ୍କୁ ଏ ପର୍ଯ୍ୟନ୍ତ ପବିତ୍ରଚରିତ୍ର ବୋଲି ଜାଣନ୍ତି କିନ୍ତୁ ଏ ସବୁ କି କଥା ! ଆଶ୍ଚର୍ଯ୍ୟ କିଛିହିଁ ନାହିଁ; ସବୁ କାଳର ଗତି । ହୃଷୀକେଶବାବୁ ପୁନର୍ବାର ତାହାଙ୍କୁ ଅନୁରୋଧ କଲେ କିନ୍ତୁ ସେ କୌଣସି ପ୍ରତିବାଦ କରିପାରିଲେ ନାହିଁ । କାରଣ ପ୍ରତିବାଦ କଲେ ଅସଭ୍ୟତା ପ୍ରକାଶ ପାଏ । ଢବ୍ୟସିଂହ ତଦନ୍ତେ କହିବସିଲେ—ଅପଣ ପାନାନନ୍ଦ କରନ୍ତୁ, ମୁଁ ବସାକୁ ଯାଉଅଛି, ଗୋଟାଏ ଜରୁରି କାର୍ଯ୍ୟଅଛି । ହୃଷୀକେଶବାବୁ ହସିଉଠିଲେ, କହିଲେ ମୁଁ ଆପଣଙ୍କୁ ଗୋଟାଏ ବିଷୟରେ ପରୀକ୍ଷାକରୁଥିଲି । ମୋହର କୌଣସିଦିନ ଏପରି ଅଚରଣ ଦେଖି ଅଛନ୍ତି କି ? ଆପଣ ଯେପରି ସମାଜକୁ ଭୟ କରନ୍ତି, ମୁଁ ମଧ୍ୟ ତଦ୍ରୂପ । ଆପଣ ଏଠାରେ କେବଳ ବିସ୍ତର;

Digitized by PPRACHIN, SOA

କୌଣସି ଉତ୍ତର ନାହିଁ । ଦେବ୍ୟସିଂହ ଅତ୍ୟନ୍ତ ଲଜ୍ଜିତ ହେଲେ, କଣ ଉତ୍ତର ଦେବେ କିଛି ପାଇଲେନାହିଁ । ମୌନଭାବରେ ରହିଲେ, କିନ୍ତୁ ହୃଷୀକେଶବାବୁଙ୍କ ପ୍ରତି ତାହାଙ୍କର ଟିକିଏ ଘୃଣା ଜନ୍ମିଲା । ହୃଷୀକେଶବାବୁ ପୁନରାୟ କହିଲେ ଶରୀରର ଉପକାରାର୍ଥେ ଅଳ୍ପ ପାନକଲେ ସେଥିରେ କୌଣସି ଦୋଷନାହିଁ, ସେହିକ୍ଷଣି ଇଙ୍ଗିତ-କ୍ରମେ ଭୃତ୍ୟ ପାନୀୟ ଆଦି ଆଣିଦେଲା । ସେ ଏକପାତ୍ର ପାନକରି ଆଉ ଏକ ପାତ୍ର ଦେବ୍ୟସିଂହଙ୍କର ସମ୍ମୁଖରେ ଧରିଲେ; ଦେବ୍ୟସିଂହ କୌଣସି ମତେ ସମ୍ମତ ହେଲେନାହିଁ; ଅଗତ୍ୟା ହୃଷୀକେଶବାବୁ ସେହି ପାତ୍ରଟି ଉଦରସ୍ଥକରି ସହାସ୍ୟମୁଖେ କହିଲେ ।

ଦେବ୍ୟସିଂହବାବୁ ! କଥାଟି ରଖିଲେନାହିଁ, ନ ରଖନ୍ତୁ,—ଆଉ ଟିକିଏ ରହିଯାଉନ୍ତୁ । ବର୍ତ୍ତମାନ ମୋହର ଜଣେ ବନ୍ଧୁ ତାଙ୍କର ସ୍ତ୍ରୀଙ୍କୁ ସଙ୍ଗରେ ନେଇ ଆସିବେ । ସେ ମେଦିନୀପୁରର ଜଣେ ପ୍ରସିଦ୍ଧ ଓକିଲ । ଯେପରି ସୌଖୀନ ସେହିପରି ସରଳ ପ୍ରାଣ, ପୁଣି ତାଙ୍କର ସ୍ତ୍ରୀ ତାଙ୍କୁ ବଳି ସୌଖୀନ ଧରଣର ଅଟନ୍ତି । ଆପଣଙ୍କର କଥା ତାହାଙ୍କୁ କହିଛି, ଆଜ ତାଙ୍କସଙ୍ଗେ ଆପଣଙ୍କର ଆଳାପ କରିଦେବି । ଏହି ସମୟରେ ଏକଜଣ ପୁରୁଷ ଓ ଏକ ସ୍ତ୍ରୀ ଉପସ୍ଥିତ ହେଲେ । ହୃଷୀ-କେଶବାବୁ ଦଣ୍ଡାୟମାନ ହୋଇ ତାହାଙ୍କୁ ସମ୍ଭାଷଣ କଲେ । ପର-ସ୍ପରଙ୍କ ମଧ୍ୟରେ ନବ୍ୟସଭ୍ୟ ରୀତିରେ କରମର୍ଦ୍ଦନ ହେଲା । ହୃଷୀକେଶ ବାବୁ କହିଲେ ଓକିଲବାବୁ ମୁଁ ଏହି ମାନନୀୟ ବନ୍ଧୁଙ୍କ କଥା ଆପଣଙ୍କୁ କହିଥିଲି । ଏହି ମୋହର ସେହି ସଦାଶୟ ବନ୍ଧୁ, ଦେବ୍ୟ-ସିଂହବାବୁ । ପୁଣି ଏହାଙ୍କ ସହିତ ଦୁଇଜଣଙ୍କର କରମର୍ଦ୍ଦନ ହୋଇଗଲା । ସଭ୍ୟଧରଣ ଆମ୍ଭମାନଙ୍କର ଅସ୍ଥିମଜ୍ଜା ଆଚ୍ଛାଦନ କରି-ଅଛି । ଅମ୍ଭେମାନେ ଷୋଳଅଣା ସଭ୍ୟ ହେବାର ନକଲ କରୁ, କିନ୍ତୁ ଅଦୌ ପାରୁ ନା । ଦେବ୍ୟସିଂହ ଏହି ଅଗନ୍ତୁକ ଦମ୍ପତ୍ତିର ଅଦର ଅଭ୍ୟର୍ଥନା, ସୌଜନ୍ୟତା ଇତ୍ୟାଦିରେ ମୁଗ୍ଧ ହୋଇଗଲେ ।

Digitized by PPRACHIN, SOA

ବିଶେଷତଃ ହୃଷୀକେଶବାବୁଙ୍କର ସ୍ତ୍ରୀ ବନ୍ଧୁଟି କେଶ ସୁରସିକା । ହୃଷୀକେଶବାବୁଙ୍କର ଉତ୍ତେଜନାଶକ୍ତି ଅଳ୍ପ ବିକାଶ ହୋଇଥିଲା । ସେ ତତ୍କ୍ଷଣାତ୍ ଏକ ୨ ପାନ ଢାଳି ତାହାଙ୍କର ଆଗନ୍ତୁକ ବନ୍ଧୁଦ୍ୱୟର ହସ୍ତରେ ଦେଲେ । ସେମାନେ ସେହିକ୍ଷଣି ତାହା ଉଦରସ୍ଥ କଲେ । ତତ୍ପରେ ଓକିଲବାବୁଙ୍କର ସଙ୍ଗିନୀ ବା ସହଧର୍ମ୍ମିଣୀଯାହା କହନ୍ତୁନା କାହିଁକି, ସେ ହୃଷୀକେଶବାବୁଙ୍କର ଇଙ୍ଗିତକ୍ରମେ ଗୋଟିଏ ପାନ ଢାଳି ଦିବ୍ୟସିଂହଙ୍କର ସମ୍ମୁଖରେ ଧରିଲେ ।

ସୁନ୍ଦର ମୁଖର ଉପରୋଧ, ଅନୁରୋଧ, ମିଷ୍ଟକଥା, ଆପ୍ୟାୟନ, ବିଫଳ ହେଲନାହିଁ । ଦିବ୍ୟସିଂହ ଏଥର ବଡ଼ ଶଙ୍କଟରେ ପଡ଼ିଲେ । ନବ୍ୟ ସଭ୍ୟତାର ନିୟମରେ ଭଦ୍ରସମାଜରେ ମହିଳାର ଅନୁରୋଧ ଉପେକ୍ଷା କରି ମହା ବର୍ବରତା । ସେ ହୃଷୀକେଶବାବୁଙ୍କର ଅନୁରୋଧ ଲଙ୍ଘନ କରିଥିଲେ କିନ୍ତୁ ସୁରସିକା ସୁଶିକ୍ଷିତା ମିସେସ୍ଙ୍କର ଅନୁରୋଧ ବିଫଳ କରିପାରିଲେ ନାହିଁ । ସାବଧାନ ଦିବ୍ୟସିଂହ, ନିଜର ଦାୟିତ୍ୱ ବୁଝି କାର୍ଯ୍ୟକରି । ଏ ସୁନାମ, ସୁଯଶ, ସୁଫଳ, କାଚପରି କ୍ଷଣଭଙ୍ଗୁର ଅଟେ । ଥରେ ଭାଙ୍ଗିଗଲେ ଆଉ ଯୋଡ଼ି ହେବନାହିଁ, ଅତି ସାବଧାନ ଦିବ୍ୟସିଂହ । ଏହି ବିଷପୂର୍ଣ୍ଣ ପାତ୍ର କଦାପି ଓଷ୍ଠାଧରରେ ସ୍ପର୍ଶ କରନାହିଁ । ତୁମ୍ଭର ପ୍ରଣୟିନୀ ମୋହିନୀ ଅଛି, ଅଗାଧ ବିଷୟଅଛି, ବିଦ୍ୟାଅଛି, ଯଶଅଛି, ଆଉ ପିତା ଗୋପୀନାଥ ମହାନ୍ତି ଜୀବିତ ଅଛନ୍ତି ।

କିନ୍ତୁ ଦୈବଦୁର୍ବିପାକରୁ ଦିବ୍ୟସିଂହଙ୍କର ହୃଦୟରେ ଅତି ଦୁର୍ବଳତା ଉପସ୍ଥିତ ହେଲା । ଦିବ୍ୟସିଂହ ଭାବିଲେ, ଏପରି ପରମାସୁନ୍ଦରୀ, ସୁଶିକ୍ଷିତା ରମଣୀର ସୁନ୍ଦର ହସ୍ତରେ ପରିଧୃତ ଏକବିନ୍ଦୁ ସୁଧାବାରି ପାନ ନ କଲେ ଏ କ୍ଷେତ୍ରରେ ବଡ଼ ବର୍ବରତା ପ୍ରକାଶିତ ହେବ । ଶିକ୍ଷିତ ସଭ୍ୟ ସମାଜ ଭ୍ରୂକୁଟୀ ଭଙ୍ଗୀ କରି କହିବେ । "ହାୟ ଦିବ୍ୟସିଂହ ! ତୁମ୍ଭର ଉଚ୍ଚଶିକ୍ଷାହିଁ ବୃଥା ହୋଇଅଛି ।"

Digitized by PPRACHIN, SOA

ଉବଷ୍ୟତ୍ ଦୁଷ୍ଟାଗ୍ରାକ୍ଷପୀମୂର୍ତ୍ତି ଧାରଣକର ଦବ୍ୟସିଂହର କର୍ଣ୍ଣ କୁହରରେ ଅସ୍ତେ୨ କହିଲ, ସାମାନ୍ୟ ଟିକାଏ ପାନରେ ଏପର କଛୁ ବଶେଷ ଅନିଷ୍ଟ ହେବନାହିଁ । ଦନେ ଛଡ଼ାଡ ଆଉ ନୁହେଁ, ଏହା ପରେ ହୁଏତ ଆଉ ହୃଷୀକେଶବାବୁଙ୍କର ଘରକୁ ନ ଆସିବ ।

ଦୁଷ୍ଟା ରାକ୍ଷସୀର ଜୟ ହେଲା । ଦବ୍ୟସିଂହ ସେହି ସୁନ୍ଦରୀ ସୁଶୀଳା ହସ୍ତ-ସ୍ପର୍ଶିତ ଘଟିକାଧାରରୁ ଅଜ୍ଞାତ ଅମୃତର ଅସ୍ୱାଦ ଗ୍ରହଣକଲେ । ଛିଃ ଦବ୍ୟସିଂହ, ତୁମ୍ଭେ ଏତେ ଦୁର୍ବଳଚତ୍ତ ?

ହୃଷୀକେଶବାବୁ ତାହାଙ୍କର ବନ୍ଧୁଙ୍କର ଅଡ଼କୁ ଅନାଇ ଆଖିଠାର ହସିଲେ । ସରଳଚତ୍ତ ଦବ୍ୟସିଂହ ସେ ହସ ଦେଖି ପାରଲେନାହିଁ ମିସେସ୍ ସୁଶୀଳଙ୍କାର ଓଷ୍ଠାଧାରରେ ଗୋଟିଏ ମୃଦୁ ହାସ୍ୟର ରେଖା ଉଠି, ଅତ ସନ୍ତର୍ପଣେ ବଲୟ ପ୍ରାପ୍ତହେଲା । ଦବ୍ୟସିଂହ ତାହା ମଧ୍ୟ ଦେଖିବାକୁ ପାଇଲେ ନାହିଁ । ହୃଷୀକେଶବାବୁ, ଆଉ ଏକପାତ୍ର ପାନକଲେ । ସହାସ୍ୟ ମୁଖେ ସୁଶୀଳାକୁ ସମ୍ବୋଧନ କର କହଲେ "ଆପଣ ଏହ ଅଧମର ପର୍ଣ୍ଣକୁଟୀରରେ ଗୋଟିଏ ଗାନ କରନ୍ତୁ । ଦବ୍ୟସିଂହବାବୁ, ଆହା ! ଆପଣ ଏହାଙ୍କର କ ଗାନ ଶୁଣି ନାହାନ୍ତି ? ଅତ ସୁନ୍ଦର-ଅତ ସୁନ୍ଦର" । ସୁଶୀଳା ଟିକାଏ ଲଜ୍ଜିତା ଭାବେ କହଲେ, "ନା ମହାଶୟ ! ତାହାଙ୍କର କଥା ଶୁଣିବେ ନାହିଁ । ମୁଁ ଭଲ ଗାଇ ପାରେ ନାହିଁ ।"

ଦବ୍ୟସିଂହଙ୍କର ମସ୍ତିଷ୍କରେ ସେତେବେଳେ ଉତ୍ତେଜନାଶକ୍ତି ଜାତ ହୋଇଅଛୁ । ସୁଶୀଳା କଣ୍ଠସ୍ୱର ତାହାଙ୍କର କାନରେ ଯେପର ଅମୃତ ବୃଷ୍ଟିକଲା । ସେ ସାହାସ୍ୟେ କହଲେ, ଆପଣମାନେ ନ ଜାଣିଲେ ସୁଦ୍ଧା ଜାଣନ୍ତୁ, ସ୍ତ୍ରୀ କଣ୍ଠର ସ୍ୱାଭାବକ ମୋହମାଶକ୍ତି ସଙ୍ଗୀତ ସ୍ୱର ସହତ ମିଶ୍ରିତ ହେଲେ ଅତସୁନ୍ଦର ବୋଧହୁଏ । ଅପଣମାନେ କଥା କହଲେ ସଙ୍ଗୀତର ଝଙ୍କାର ଅସେ, ଗାନକଲେ ଯେ କେତେଦୂର ମନମୁଗ୍ଧକର ହେବ, ତାହା ମୁଁ କହପାରୁ ନାହିଁ ।

Digitized by PPRACHIN, SOA

ହୃଷୀକେଶବାବୁ କହିଲେ—"ଦିବ୍ୟସିଂହବାବୁ ! ଠିକ୍ କହି ଅଛନ୍ତି ।" ହୃଷୀକେଶ ପୁଣି ଗୋଟିଏ ପାତ୍ର ପୂର୍ଣ୍ଣ କରି ମିସେସ୍ ସୁଶୀଳା ହାତରେ ଦେଲେ । ସୁଶୀଳା ତାହା ଦିବ୍ୟସିଂହଙ୍କ ସମ୍ମୁଖରେ ଧରି କହିଲେ ଏଥର ମୋହର ଅନୁରୋଧଟି ରକ୍ଷାକରିବାକୁ ହେବ । ଅଗତ୍ୟା ତାହାଙ୍କର ଅନୁରୋଧମତେ ଦିବ୍ୟସିଂହବାବୁ ସେ ପାତ୍ରଟି ମଧ୍ୟ ଉଦରସାତ୍ କଲେ ।

ଦିବ୍ୟସିଂହଙ୍କମନରେ ଅପାର ଚିନ୍ତା ! ଦିବ୍ୟସିଂହ ଭାବିଲେ, ହାୟ ! କଣ କରୁଅଛି; ମୋହର ପୂର୍ବ ପ୍ରତିମାମୋହିନୀ କଣ ମନେ କରିବ , ଲୋକେ କଣ ମନେ କରିବେ , ଆଉ ଯଦି ସେହି ପୁରୁଷସିଂହ ଗୋପୀନାଥ ମହାନ୍ତିଙ୍କ କର୍ଣ୍ଣରେ, ସ୍ନେହ ମୟୀ ଅନ୍ନପୂର୍ଣ୍ଣା ଦେବୀର କର୍ଣ୍ଣରେ ଏ କଥା ପଡ଼େ, ସେତେବେଳେ ସେମାନେ କଣ ମନେ କରିବେ ।

ପୁନଶ୍ଚ ଏଥିରେ ସଭ୍ୟସମାଜର ନବ୍ୟ କାୟଦା । ଗୋଟିଏ ପରମାସୁନ୍ଦରୀ, ଶିକ୍ଷିତା ରମଣୀର, ହସ୍ତପ୍ରଦତ୍ତ ସାଦର ଉପହାର ଅଗ୍ରାହ୍ୟ କଲେ, କାର୍ଯ୍ୟଟି ବଡ଼ ଅସଭ୍ୟତା ହୋଇ ପଡିବ । ଏହିପରି ସେ ଦିନ ରାତ୍ରିରେ ଦିବ୍ୟସିଂହ ଅଧିକ ପାନ କରି କେତେକ ସମୟ ନିମିତ୍ତ ଜ୍ଞାନଶୂନ୍ୟ ଥିଲେ । ହୃଷୀକେଶବାବୁଙ୍କର ବୈଠକଖାନାରେ ମିସେସ୍ ସୁଶୀଳା ଏହିପରି ହାରମୋନୀୟମ୍ ଯନ୍ତ୍ରରେ ସ୍ୱର୍ ଦେଇ ସଙ୍ଗୀତାଳାପ କରିବାକୁ ଲାଗିଲେ । କ୍ରମେ ରାତ୍ରି ଅଧିକ ହେବାରୁ ଦିବ୍ୟସିଂହ ଅସ୍ତେ୨ ନିଜ ଆବାସାଭିମୁଖେ ଗମନ କଲେ, ସମସ୍ତେ ସେ ଦିନପରି ହୃଷୀକେଶବାବୁଙ୍କର ବାସଗୃହରୁ ବିଦାୟ ହେଲେ । ଦିବ୍ୟସିଂହ ବସାରେ ଯେତେବେଳେ ପହଁଞ୍ଚେ ; ସେତେବେଳେ ରାତ୍ରୀ ଠିକ୍ ଦି ୧୨ ଘଣ୍ଟା, ମୋହିନୀ ଦିବ୍ୟସିଂହଙ୍କର ଏତେ ରାତ୍ରୀ ହେବାର ହେତୁ ଆଦୌ ତାହାଙ୍କୁ ପଚାରି ପାରିଲେନାହିଁ । କାରଣ ସ୍ୱାମୀର ଆଚରଣ ସେ ଉତ୍ତମରୂପେ ଜାଣନ୍ତି ଏବଂ ତାହାଙ୍କ ମନରେ

Digitized by PPRACHIN, SOA

ମଧ୍ୟ ଟିକିଏ ସନ୍ଦେହର ସଞ୍ଚାର ହେଲା ନାହିଁ ; ହରିସିଂହ ବାବୁଙ୍କର ଆହାରାଦିର ଉଦ୍ଯୋଗ କରିଦେଲେ ; ସେ ଆହାରାଦି କଲାପରେ ତାହାଙ୍କର ଉଚ୍ଛିଷ୍ଟ ପାଏରେ ନିଜେ ଆହାର କଲେ । ହରିସିଂହ ମନରେ ଅତିଶୟ ଚିନ୍ତିତ ହେଲେ ଯେ ଏହା ମୋହିନୀ ନିଶ୍ଚୟ ଜାଣି-ପାରି ମୋତେ ଅନେକ ଭର୍ତ୍ସନା କରିବ, ବରଂ ତାହାର ପରିବର୍ତ୍ତେରେ ହରିସିଂହ ଦେଖିଲେ ଯେ ତାହାଙ୍କର ଆହାରାଦିର ବିଳମ୍ବ ହେତୁ ମୋହିନୀ ଅତ୍ୟନ୍ତ ଦୁଃଖ ପ୍ରକାଶ କଲା । କାରଣ ଆହାରୀୟ ସମସ୍ତ ଶୁଷ୍କ ହୋଇଯାଇଥିବାରୁ ତାହାଙ୍କର ଭଲ ଆହାର ହୋଇପାରିଲା ନାହିଁ ; ପରେ ଉଭୟେ ଶୟନ କରି ରହିଲେ ।

ଅଷ୍ଟମ ପରିଚ୍ଛେଦ ।

ରମଣୀର ପ୍ରେମ ।

ଏ ନଶ୍ୱର ଜଗତରେ ଏପରି କେଉଁ ପଦାର୍ଥ ଅଛି, ଯାହା ସରଳ-ହୃଦୟା ରମଣୀର ଅତୁଳନୀୟ ପ୍ରେମରସହିତ ତୁଳନା କରାଯିବ । ଯେ ପ୍ରଣୟର ମଧୁମୟ ଉତ୍ସରେ ପାଦଦାନ କଲେ ପୁରୁଷ ପାର୍ଥିବ ସୁଖର ଚରମସୀମା ଲାଭକରେ, ଯେ ପ୍ରେମଉପଭୋଗରେ ମାୟାମୟ ବିଶ୍ୱସଂସାରକୁ ସ୍ୱର୍ଗର ସହିତ ସମାନ ଜ୍ଞାନ କରେ ଯାହାର ମୃଦୁ ଆସ୍ୱାଦରେ ଜଗତର ଯାବତୀୟ ଦୁଃଖ ବିସ୍ମୃତ ହୁଏ, ସେ ପ୍ରଣୟର ତୁଳନୀୟ ବସ୍ତୁ ଏ ବିଶ୍ୱ-ସଂସାରରେ ଆଉ କଣ ଅଛି ?

ରମଣୀର ଅତୁଳନୀୟ ପ୍ରେମପରିପୂର୍ଣ୍ଣ ମାନବତୁଲ୍ୟ ଭାଗ୍ୟବାନ ନର ଏ ଜଗତରେ ଆଉ ନାହିଁ । ଏ ସଂସାରରେ ଏପରି ପ୍ରାଣୀ ନାହିଁ ଯେ ପ୍ରଣୟର ଦାସ ନୁହେଁ । ପ୍ରଣୟ ମନୁଷ୍ୟକୁ ଅନ୍ଧ କରେ ଏବଂ ପ୍ରଣୟ

Digitized by PPRACHIN, SOA

ପାଇଁ ପୁରୁଷ ରମଣୀର ଏତେ ବାଧ୍ୟ, ସୁତରାଂ ରମଣୀର ପ୍ରେମ ଜଗତର ଅତୁଳନୀୟ ବସ୍ତୁ ।

ଦର୍ପସିଂହ ବାବୁ ସ୍ୱଗୃହରେ ସସ୍ତ୍ରୀକ ଉପବିଷ୍ଟ, ତାହାଙ୍କର ବର୍ତ୍ତମାନ ବୟସ ପଚାଶରୁ ଊର୍ଦ୍ଧ୍ୱ ନୁହେଁ, ଦେଖିବାକୁ ଗୌରବର୍ଣ୍ଣ ସୁନ୍ଦର ଚକ୍ଷୁ, ଉନ୍ନତ ନାସିକା, ମନୋହର ଓଷ୍ଠ ଯୁଗଳ ଗଠନ ସୁନ୍ଦର । ମୋହିନୀର ବୟସ ଷୋଡ଼ଶ ବର୍ଷ ମାତ୍ର, ବର୍ଣ୍ଣ ପୂର୍ଣ୍ଣୋଜ୍ଜ୍ୱଳ ଚନ୍ଦ୍ର ସ୍ୱରୂପ, ନିତମ୍ବଲମ୍ବୀକେଶ, ଆକର୍ଣ୍ଣ ଚକ୍ଷୁ, ମନୋହର କର୍ଣ୍ଣ, ମନ ମୁଗ୍ଧକାରୀ ନାସିକା, ବିମ୍ବାଧର ତାମ୍ବୁଳରାଗେ ରଞ୍ଜିତ ହୋଇ ଯୁଗଳ ଗୋଲାପକଳିକା ତୁଲ୍ୟ ଅପୂର୍ବ ଶୋଭାଧାରଣ କରି-ଅଛି । ନୟନର ଜ୍ୟୋତି ଯୌବନର ପୂର୍ଣ୍ଣାଂଶରେ ଦ୍ୱିଗୁଣ ବିକାଶିତ ହୋଇ ଯେପରି ସଂସାରକୁ ସଂସାର ଭୁଲିବାକୁ କହୁଅଛି, ସେହିପରି ଅପ୍ରଣୟୀକୁ ପ୍ରଣୟ ଶିଖିବାକୁ କହୁଅଛି ଏବଂ ସନ୍ନ୍ୟାସୀର ଯୋଗଭଙ୍ଗର ଚେଷ୍ଟା କରି ରମଣୀର ଅତୁଳନୀୟ ସୌନ୍ଦର୍ଯ୍ୟଭଣ୍ଡାରହିଁ ଯେପରି ଜଗତର ସାର ପଦାର୍ଥ ଏହାହିଁ ଜ୍ଞାପନ କରୁଅଛି । ବକ୍ଷର ଉଚ୍ଛ୍ୱାସ ପୂର୍ଣ୍ଣତ୍ୱ ପ୍ରାପ୍ତହୋଇ ଯୌବନର ଗରିମାର ଅକ୍ଷୟ ପୋଷକତା କରୁଅଛି । ଅଙ୍ଗର ଗଠନ ଉତ୍ତମ । ଯୁବତୀ ସ୍ୱାମୀର ସ୍କନ୍ଧଦେଶରେ ମସ୍ତକ ସ୍ଥାପନକରି କାନ୍ଥର ଗୋଟିଏ ଚିତ୍ରପ୍ରତି ଅନ୍ୟାନ୍ୟ ମନେ ଚାହିଁଅଛି ।

'ଅଧରର ମୃଦୁହାସ୍ୟ ଚଞ୍ଚଳ ଚପଳାପରି ରହି୨ ମୃଦୁଆଲୋକ ବିକାଶକରି ପୁଣି ତାହା ନିର୍ବାଣ ପ୍ରାପ୍ତ ହେଉଅଛି । ଯୁବକ ସ୍ୱୀୟ ବାମହସ୍ତଦ୍ୱାରା ଯୁବତୀକୁ ବେଷ୍ଟନକରି ସ୍ଥିରଦୃଷ୍ଟିରେ ସେହି ଅପୂର୍ବ ଶୋଭା ଅବଲୋକନକରି, ଯେପରି ସେହି ସୌନ୍ଦର୍ଯ୍ୟ ସାଗରର ଲହରୀରେ କେଉଁ ସ୍ଥାନକୁ ଭାସି ଯାଇଅଛି ତାହାର ସ୍ଥିରତା ନାହିଁ । ପ୍ରଣୟି ? ଏ ସୁଖପରି କି ଅଉ ଇହସଂସାରରେ କୌଣସି ମନୋହର ପଦାର୍ଥ ଅଛି ! ଯୁବକ କ୍ଷଣିକ ସ୍ଥିର ଦୃଷ୍ଟିରେ ରମଣୀର ସୁନ୍ଦର ମୁଖ—ଚନ୍ଦ୍ର ଚାହିଁ ରହିଲେ । ତାହାଙ୍କର ପ୍ରାଣ ବଡ଼ ବ୍ୟସ୍ତ ହେବାକୁ

Digitized by PPRACHIN, SOA

ଲାଗିଲା; ଆଖିରେ ପାଣି ଆସିଲା; ଦେଖୁ ଦେଖୁ ସେହି ଲୋତକ ଯୁବତୀର ବିମ୍ବଫଳପରି ଅଧରରେ ନିପତିତ ହେଲା; ଯୁବତୀ ଚମକି ଉଠିଲା; ଦେଖିଲା ସ୍ୱାମୀର ଚକ୍ଷୁଦ୍ୱୟ ଲୋତକରେ ପୂର୍ଣ୍ଣ । ବ୍ୟସ୍ତଭାବେ ଉଠି-ବସିଲା, ମୃଣାଳ ଦର୍ପଗର୍ବକାରୀ ଦକ୍ଷିଣ ଭୁଜରେ ଦେବୀପ୍ରସାଦଙ୍କର ସ୍କନ୍ଧଦେଶ ହାତରେ ଭିଡ଼ିଧରି କହିଲା, ତୁମ୍ଭେ କାନ୍ଦୁଛ ? ପରସ୍ପରର ଚକ୍ଷୁ ପରସ୍ପରର ଚକ୍ଷୁରେ ସମ୍ମିଳିତ ହେଲା । ଯୁବତୀର ସେହି ଇନ୍ଦୀବର ନୟନ ଯୁଗଳରୁ ଅବିରତ ସଲିଳ ସମ୍ପାତ ହେବାକୁ ଲାଗିଲା । ଦମ୍ପତିଦ୍ୱୟ ରୋଦନ ପରାୟଣ ହେଲେ ସୁଦ୍ଧା ସେ କ୍ରନ୍ଦନରେ ଯେ ସେମାନଙ୍କର ହୃଦୟରେ କି ଅନନୁଭୂତ ଆନନ୍ଦର ଉଦ୍ରେକ ହେଉଥିଲା, ତାହା ବର୍ଣ୍ଣନା କରିବାକୁ କ୍ଷୀଣ ଲେଖନୀର କ୍ଷମତା ନାହିଁ । ସେ ସୁଖ ହୃଦୟ ବୁଝେ; କିନ୍ତୁ ପ୍ରକାଶ କରିପାରେ ନାହିଁ । ସେ କଳ୍ପନାର ସୁଖମୟୀ ସ୍ଫୂର୍ତ୍ତି କବି ହୃଦୟରେ ସହଜରେ ଜାଗରୂକ ହୁଏ, କିନ୍ତୁ ନାଶ ହୁଏନାହିଁ, ସେ ଅନନ୍ତ ସୁଖ ମନବୁଝେ; କିନ୍ତୁ ବର୍ଣ୍ଣନା କରି ପାରେ ନାହିଁ । ତାହା ନୀରବ କବିର ନୀରବ କ୍ଷମତାର ଅଧିକାରାଧୀନ ।

ନବମ ପରିଚ୍ଛେଦ ।

ପ୍ରଣୟ ବିଚ୍ଛେଦ ।

ଦେବୀପ୍ରସାଦବାବୁ କହିଲେ, ମୋହିନୀ ! ପିତାଙ୍କର ଏପରି ପୀଡ଼ିତାବସ୍ଥା ତାହାଙ୍କର ଶୁଶ୍ରୂଷା କରିବାପାଇଁ ଯଦ୍ୟପି ଅନେକ ଲୋକ ଅଛନ୍ତି ତଥାପି ପୁତ୍ର କି ପିତାର ଏପରି ପୀଡ଼ାର ସମ୍ବାଦପାଇ ସ୍ଥିର ଥାଇପାରେ; ମୋତେ ନିଶ୍ଚୟ ବୃନ୍ଦାବନ ଯାଇ ତାହାଙ୍କୁ ଦେଖିବାକୁ ହେବ, ଅତଏବ ମୁଁ ନିଶ୍ଚୟ କାଲି ଗାଡ଼ିରେ ତାହାଙ୍କ ପାଖକୁ ଯିବି । ଆହୁରି ଦେଖ ଓକାଲତି ପଢ଼ିବାପାଇଁ ଆସିଲି ସେ ଶ୍ରେଣୀରେ ମଧ୍ୟ

Digitized by PPRACHIN, SOA

ସମସ୍ତେ ଭର୍ତ୍ତି ହୋଇଗଲେ, ଏବର୍ଷ ସମସ୍ତ ଅତିବାହିତ ହୋଇ-ଗଲାଣି ଆଉ ଛବ ସେମାନେ ଗ୍ରହଣ କରିବେନାହିଁ, ମୁଁ ଦେଖୁଛି ଆଉ ମୁଁ ପଢ଼ିପାରିବି ନାହିଁ । ଯାହା-ହେଉ ଥରେ ପିତାଙ୍କର ଅବସ୍ଥା ଦେଖିଆସେ, ପରେ ଯେପରି ହେଉ ବିଚାର କରିବି । ଈଶ୍ୱର ମୋହ-ପ୍ରତି ଅତ୍ୟନ୍ତ ପ୍ରତିକୂଳ, ସେଥିପାଇଁ ତୁମ୍ଭପରି ସ୍ତ୍ରୀ, ଯାହାର ଅକ୍ଷୟ ପ୍ରେମ ମୋହର ହୃଦୟକୁ ସ୍ୱର୍ଗତୁଲ୍ୟ କରିଅଛି, ଯାହାର ପ୍ରେମମୟ ବଦନ ମାଧୁରୀ ବିଲୋକନ କଲେ ନୟନ ସ୍ପନ୍ଦନରହିତହୁଏ; ଯାହାର ମୋହିନୀମୂର୍ତ୍ତି ମୋହର ସ୍ମୃତିପଟେ ଗାଢ଼ରୂପେ ଅଙ୍କିତ ଯେ ମୋହର ନିଦ୍ରାର ସ୍ୱପ୍ନ, ଯାହାକୁ ମୁଁ ପ୍ରାଣ ଅପେକ୍ଷା ପ୍ରିୟ ଜ୍ଞାନକରେ "ଆଜ ମୋହର ସେହି ପ୍ରେମରୂପିଣୀ ଜୀବନ ସର୍ବସ୍ୱକୁ ବିଦେଶରେ ଏକାକିନୀ ବନ୍ଧୁବର-ହୃଷୀକେଶବାବୁଙ୍କର ତତ୍ତ୍ୱାବଧାନରେ ରଖି ଗମନକରିବାକୁ ହେବ, ପ୍ରାଣାଧିକେ ! ଏହାକି ସାମାନ୍ୟ ଦୁଃଖ" । ମୋହିନୀ କହିଲେ ମୋତେ ସଙ୍ଗରେ ନେଇଗଲେ କଣ ବିଘ୍ନ ହେବ କି ? ମୋହନ ଅନେକ ବିଘ୍ନ, ସେ ବିଘ୍ନ ସମସ୍ତ ତ ଜାଣିପାରୁଛ; ଆଉ ମୁଁ ବେଶି କଣ କହିବି । ମୋହିନୀ ମସ୍ତକ ଅବନତକରି କାନ୍ଦିବାକୁ ଲାଗିଲେ ।

ଦିବ୍ୟସିଂହ ମୋହିନୀର ଲୋତକ ପୋଚ୍ଛିଦେଇ ତାହାର ଅପରୂପ ମୁଖଶ୍ରୀ ଅବଲୋକନରେ ସ୍ୱନୟନ ପରିତୃପ୍ତକରି କହିଲେ "କାଲି ପ୍ରାତଃକାଳରୁ ନିଶ୍ଚୟ ଯିବାକୁ ହେବ" ।

ମୋହିନୀ ଅଳ୍ପ ପ୍ରକୃତିସ୍ଥ ହୋଇ କୌଣସି କାର୍ଯ୍ୟବଶତଃ ଗୃହା-ନ୍ତରେ ପ୍ରବେଶକଲେ । ତେତେବେଳେ ଦିବା ଅବସାନ ହେବାକୁ ଆଉ ବିଳମ୍ବ ନାହିଁ । କିରଣମାଳୀ ରକ୍ତିମ କିରଣେ ପଶ୍ଚିମାକାଶ ରଞ୍ଜିତ କରି ଧୀରେ ଧୀରେ ଆକାଶପଟେ ଗମନ କରୁଅଛନ୍ତି । ସୂର୍ଯ୍ୟଦେବଙ୍କର ଏହି ଶୋଚନୀୟ ଅବସ୍ଥା ଦେଖି, ଯେପରି ପକ୍ଷୀମାନେ ଉଲ୍ଲାସର କୋଳାହଳ କରୁ୨ ତାହାଙ୍କର ପ୍ରଚଣ୍ଡ ତାପରୁ ନିଷ୍କୃତି ପାଇଅଛନ୍ତି ଭାବି ଆପଣା୨ ଆତ୍ମୀୟଗଣଙ୍କୁ ସମ୍ବାଦ ପ୍ରେରଣ କରିବାକୁ

Digitized by PPRACHIN, SOA

ମାଡ଼ାଉମୁଖେ ଧାବିତ ହେଉଅଛନ୍ତି । ତାହାଙ୍କର ଅମଳ ବକ୍ଷେ କ୍ଷୁଦ୍ର କ୍ଷୁଦ୍ର ଧାରଙ୍କ ସମସ୍ତ ମୃଦୁବାତ ସଂଯୋଗେ ସଞ୍ଚାଳିତ ହୋଇ ଅପୂର୍ବ ଶୋଭା ଧାରଣ କରିଅଛି ଅଥବା ଚନ୍ଦ୍ରଦେବଙ୍କର ଆଗମନ ଉପଲକ୍ଷେ ଅନନ୍ତ ଚକ୍ଷୁ ବିସ୍ତାରିତ କରି ଯେପରି ଏକଦୃଷ୍ଟିରେ ଆକାଶଆଡ଼େ ଚାହିଁଅଛି । ବୃକ୍ଷଗଣ ଆପଣା ଆପଣା ଶାଖା ପ୍ରଶାଖା ହଲାଇ ଯେପରି ସେମାନଙ୍କୁ ଅଭ୍ୟର୍ଥନା କରୁଅଛି ।

ଦଶମ ପରିଚ୍ଛେଦ ।

ବିରହ ।

ସମୟ କାହାର ଅପେକ୍ଷା କରେନାହିଁ । ଯଥା ସମୟେ ରାତ୍ରି ଆସିଲା, କ୍ରମେ ସେ ରାତ୍ରି ଶେଷହେଲା । ବିଜୟସିଂହ ଏହି ସକାଳେ ପିତାଙ୍କୁ ଦେଖିବା ନିମିତ୍ତ ବୃନ୍ଦାବନ ଯିବେ । ସୁତରାଂ ସେ ପତ୍ନୀପ୍ରାଣା ମୋହିନୀର ପ୍ରଣୟସାଗରେ ଭାସି ଆଉ ସ୍ୱଚ୍ଛନ୍ଦେ କାଳାତିପାତ କରି ପାରିଲେନାହିଁ । ହୃଷୀକେଶବାବୁଙ୍କୁ ଅଗତ୍ୟା ତାହାଙ୍କର ସ୍ତ୍ରୀର ଏଥା ସମୟରେ ସମସ୍ତ ତତ୍ତ୍ୱନେବାର ବିଷୟ କହିଥିଲେ । ଯଥା- ସମୟେ ବିଜୟସିଂହ ପ୍ରଣୟିନୀ ମୋହିନୀର ନିକଟ ବିଦାୟ ଗ୍ରହଣକଲେ । ବିଦାୟକାଳେ ଦମ୍ପତି ଯୁଗଳର ଶୋକ ଉଚ୍ଛ୍ୱାସିତ-ହୃଦୟର ଉପରେ ଉଦ୍ବେଳ ହୋଇଥିଲା ତାହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ । ସେହି ଛଳ ଛଳ ଚକ୍ଷୁ, ହୃଦୟଗତ ଯାତନାଜନିତ ମୃଦୁ ଅଧରକମ୍ପନ, ହୃଦୟବିଦାରି ହେବାର ପ୍ରବଳ ବାସନା, ସେ କଥା, ସେ ଭାବ, ସେ ଯାତନା, ଭୁକ୍ତଭୋଗୀ ବ୍ୟତୀତ ଅପର କେହି ବୁଝି ପାରିବେ ନାହିଁ । ମନୁଷ୍ୟର ସୁଖ ଚିରସ୍ଥାୟୀ ନୁହେଁ, ଏହାହିଁ ବଡ଼ ଦୁଃଖର ବିଷୟ । ଏତେ ପ୍ରେମ, ଏତେ ଆହ୍ଲାଦ, ଏତେ ସୁଖ କେଉଁଠାରେ

Digitized by PPRACHIN, SOA

ଗଲା । ପ୍ରେମନଦୀରେ ଝଙ୍କର ଯେ ପୂର୍ଣ୍ଣ ଜୁଆର ସ୍ଥିରଭାବେ ଥିଲା; ଆଜି ତାହା ଏକାନ୍ତବେଳକେ କମିଗଲା । ଯେଉଁମାନେ ଆଜ କେତେକ ମାସ ଅନନ୍ଦର ଉଚ୍ଚ ଶିଖରେ ସମାରୋହଣ କରିଥିଲେ, ଆଜି ସେମାନେ ସହସା ସେ ସ୍ଥାନରୁ ନିପତିତ ହେଲେ । ପ୍ରେମ ତରଙ୍ଗରେ ଯେ ହୃଦୟ ଉଦ୍ବେଳିତ ହେଉଥିଲା; ଆଜ ତାହା ସହସା ଶାନ୍ତଭାବ ଧାରଣକଲା । ହବ୍ୟସିଂହବାବୁଙ୍କ ବସାରେ କେବଳ ଗୋଟିଏମାତ୍ର ପରିଚାରିକା ଆଉ ଦୁଇଜଣ ପରିଚାରକ ମୋହିନୀର ନିକଟ ରଖିଯାଇ-ଥିଲେ ।

ମନୁଷ୍ୟର ଚିର ବିରହ ସହ୍ୟ ହୁଏ କିନ୍ତୁ ଅଳ୍ପ ବିରହ ସହ୍ୟ କରିବା ବଡ଼ କ୍ଳେଶ ସାଧ୍ୟ । ଆଶା ମନୁଷ୍ୟକୁ ଉନ୍ମାଦ କରି ପକାଏ, ମୋହିନୀ ପ୍ରତିଦିନ ପ୍ରତି ମୁହୂର୍ତ୍ତ ହବ୍ୟସିଂହବାବୁଙ୍କର ଧ୍ୟାନେ ମଗ୍ନ ସେ କେବେ ଆସିବେ କେବେ ତାହାଙ୍କର ସହବାସରେ ସୁଖି ହେବେ ଏହି ସମସ୍ତ ଭାବିବାକୁ ଲାଗନ୍ତି । କ୍ରମେ ହୃଷୀକେଶବାବୁ ଏହାଙ୍କ ବସାକୁ ଆସି ସମସ୍ତ ତତ୍ତ୍ୱ ନେବାକୁ ଲାଗିଲେ, ପ୍ରଥମତଃ ଏହାଙ୍କ ପ୍ରାଙ୍ଗଣରେ ପରିଚାରକମାନଙ୍କଠାରୁ ତତ୍ତ୍ୱ ନେବା ପରେ ପରିଚାରିକାଦ୍ୱାରା ଖବର ଦେବା ଅବଶେଷରେ ହବ୍ୟସିଂହଙ୍କର ପତ୍ର ସମସ୍ତ ମୋହିନୀ ନିକଟରେ ପଢ଼ି ଶୁଣାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଚଳିବାକୁ ଲାଗିଲା ।

ମନୁଷ୍ୟର ସ୍ୱଭାବ ଓ ଚରିତ୍ର ବିଷୟ କିଏ କହିପାରେ ? ସମୟ ସଂଯୋଗ ଏବଂ ପ୍ରଲୋଭନରେ, କାହାର ଚରିତ୍ର କିପରି ହୁଏ, ତାହା କିଏ ଜାଣେ ? ଅଉ ଯେ ଅସତ୍ ଚରିତ୍ର ସମ୍ପନ୍ନ, ତାହାର ଚରିତ୍ର ଉତ୍କର୍ଷଲାଭ କରିପାରେ ? ଯାହାର ଚରିତ୍ର ଦେବୋପମ ହୁଏତ ତାହାର ଚରିତ୍ର ମଧ୍ୟ ପିଶାଚ ପରି ଜଘନ୍ୟ ହୋଇଯାଏ । ହୃଷୀକେଶର ଚରିତ୍ର ବିଷୟ ଅମ୍ଭେମାନେ ଅଧିକ ଜାଣୁ ନାହୁଁ କିନ୍ତୁ ସେ ବର୍ତ୍ତମାନ ମୋହିନୀ ସହିତ ଘନିଷ୍ଟତା ଆରମ୍ଭ କଲେ ପ୍ରାୟ ପ୍ରତ୍ୟେକ ଦିନ ଆସନ୍ତି; ମୋହିନୀ ନିଜେ ଜଳ ଯୋଗ ପ୍ରସ୍ତୁତ କରି ଦିଅନ୍ତି, ତାହା

Digitized by PPRACHIN, SOA

ଖାଇଥାନ୍ତି । ଏହାପରେ ସମସ୍ତ ଅତିବାହିତ ହୁଏ । ମୋହିନୀ ଭାବେ ହୃଷୀକେଶବାବୁ ଏପରି ଅସନ୍ତି, ହୁଏତ କେହି ହେଁ ମନରେ ଭାବ ପାରନ୍ତି, ପରେ ତାହା ବଲୀନ ପ୍ରାପ୍ତ ହୁଏ ପୁଣି ମନେ କରନ୍ତି ଅସିଲେ ବା କ୍ଷତି କଣ, ମୁଁ ତ ଠିକ୍ ଅଛି, ମୋହର ମନ ମନ୍ଦ ହେବାର ନୁହେଁ, ହୃଷୀକେଶବାବୁ ଅସି ଗଳ୍ପ କଲେ, ସେଥିରେ ମୋହର କ୍ଷତି କଣ, ମୋହର ସ୍ୱାମୀତ ତାହାଙ୍କ ଉପରେ ମୋହର ସମସ୍ତ ତତ୍ତ୍ୱ ନେବାର ଭାର ଦେଇଅଛନ୍ତି । ମୋହର ମନ ଏକା ଥିଲାବେଳେ କପରି ଉଦାସ ହୁଏ, ଅଥଚ ହୃଷୀକେଶବାବୁ ଅସି ଗଳ୍ପ କଲେ ମୋହର ଅପାର ଆନନ୍ଦ ଜନ୍ମେ, ସେଥିରେ ବରଂ ମନକୁ ଅନନ୍ଦ ରଖିବାକୁ ହୁଏ ।

ପୂର୍ଣ୍ଣିମା ରାତ୍ରରେ ଅକାଶ ମେଘାଚ୍ଛନ୍ନ ଥିଲେ, କ ଚନ୍ଦ୍ରର ସ୍ଥାସ୍ଥିତ୍ୱ ଛ ଏହା ସ୍ୱୀକାର କରିବାକୁ ହେବନାହିଁ ? ମନରେ ଦୃଢ଼ତା ଅଛି ବୋଲି କ ସେ ଦୃଢ଼ତା ବଦ୍ଧିତ ହୋଇ ନ ପାରେ, ଏକଥା ଚନ୍ତା କରିବାକୁ ନାହିଁ ? ଯେ ରମଣୀ ଏକଥା ଜାଣେ ନାହିଁ, ତାହାକୁ ସେଥିନମିତ୍ତ ଜାଣସ୍ତ ଅନୁତାପ କରିବାକୁ ହୁଏ । ଯେ ରମଣୀ ସ୍ୱାମୀର ଅନୁପସ୍ଥିତରେ ମାନସିକ ପ୍ରଚଣ୍ଡ ଦୃଢ଼ତାରେ ସ୍ୱକା ଅପର ପୁରୁଷର ସହିତ ଏକତ୍ର ବସି ଗଳ୍ପ କରେ, ତାହାର ସହିତ ସତତ କଥାବାର୍ତ୍ତା କହିବାକୁ ଭଲପାଏ, ତାହାର ଚରିତ୍ର ନିଶ୍ଚୟ ପଦ୍ମପତ୍ରସ୍ଥିତ ଜଳବତ୍ ତରଳ । ଅମ୍ଭେମାନେ ସେ ଚରିତ୍ରର ପ୍ରଶଂସା କରୁ ନାହୁଁ ।

ଏକାଦଶ ପରିଚ୍ଛେଦ ।

ଗୁପ୍ତ ପ୍ରଣୟ ।

ଦେଖୁ ଦେଖୁ ପୁଣି ସନ୍ଧ୍ୟା ସମାଗତ ହେଲା । ଯେଉଁ ମୋହିନୀ-

Digitized by PPRACHIN, SOA

ସନ୍ଧ୍ୟାସମାଗମରେ ଆକାଶ ମଣ୍ଡଳ ଅସଂଖ୍ୟ ତାରକାର ପରିଧାନ କରି ଉଜ୍ଜ୍ୱଳ ଶୋଭାରେ ସୁଶୋଭିତ ହୁଏ ପ୍ରଣୟୀ ନବ ଅନୁରାଗରେ ଉତ୍ସାହିତ ହୁଏ, ପୁଷ୍ପ ସୌରଭରେ ଦଶଦିଗ ଆମୋଦିତ ହୁଏ, ପ୍ରକୃତି ଶାନ୍ତଭାବ ଧାରଣକରେ, ଆଉ କବିମାନେ ଜଗତର ଅଭିନବ ଶୋଭା ସନ୍ଦର୍ଶନ କରି ଆପଣାର କଳ୍ପନା ରଥରେ ଆରୋହଣପୂର୍ବକ ଇତସ୍ତତଃ ବିଚରଣ କରନ୍ତି । ସେହି ସୁଖଦ ସନ୍ଧ୍ୟା ଆଜି ହୃଷୀକେଶବାବୁଙ୍କୁ କାମୋନ୍ମତ୍ତ କରିଅଛି । ହୃଷୀକେଶବାବୁ ମୋହିନୀର ସହିତ ନିଚ୍ଛନ୍ଦ ହୃଦୟ ସହିତ କଥୋପକଥନ କରୁଅଛନ୍ତି । ମୋହିନୀ ମଧ୍ୟ ସେହିପରି ଉଲ୍ଲାସିତ ମନା ହୋଇ ଉତ୍ତର ପ୍ରଦାନ କରୁଅଛି ।

ହୃଷୀକେଶ—ମୋହିନୀ ଆଶାକରେ ଏ ପ୍ରଣୟ ଚିରଦିନ ରହିବନାହିଁ ।

ମୋହିନୀ—କାହିଁକି ଏପରି ନିର୍ଦ୍ଦୟ କଥା ବ୍ୟବହାର କରୁଅଛନ୍ତି?

ହୃଷୀକେଶ—ମୋହିନୀ ! ନିର୍ଦ୍ଦୟ କଥା ନୁହେଁ, ସତ୍ୟ କଥା, ତୁମେ କି ଜାଣି ପାରୁନାହଁ ଯେତେବେଳେ ବିଜୟସିଂହ ଏଠାରେ ଉପସ୍ଥିତ ହେବେ, ସେତେବେଳେ କି ଆଉ ଆମ୍ଭମାନଙ୍କୁ ଏପରି ସ୍ୱଚ୍ଛନ୍ଦଭାବରେ କାଳାତିପାତ କରିବାକୁ ହେବ ?

ମୋହିନୀ— ନା ବନ୍ଧୁ ! ମୁଁ ତ ପୂର୍ବରୁ କହିଛି, ଯେ ସେ କଣ୍ଟକ ନିଃଶେଷ କରିବାକୁ ହେବ ।

ହୃଷୀକେଶ—ମୋହିନୀ ଏପରି ଦୁଃସାହସିକ କାର୍ଯ୍ୟ କରିବାକୁ ମୋହର ସାହସ ହେଉନାହିଁ, ମୁଁ ସେ କାର୍ଯ୍ୟ ସାଧନରେ ଅକ୍ଷମ ।

ମୋହିନୀ—ତୁମ୍ଭେ ନ ପାରିଲ, ମୁଁ ଏକାକିନୀ ସେହି କାର୍ଯ୍ୟ ସମ୍ପନ୍ନ କରିପାରେ, ଛିଃ ତୁମ୍ଭେ ପୁରୁଷ ହୋଇ ଏତେ ଦୁର୍ବଳ ହୃଦୟର କାହିଁକି !

"ବିଜୟସିଂହ ! ଏହି ସମୟରେ ଯଦି ତୁମ୍ଭେ ଏହି ସ୍ଥାନରେ ପହୁଞ୍ଚି ପାରନ୍ତ ; ତାହା ହେଲେ ଥରେ ସଂସାରର ସମସ୍ତ ଲୀଳା ହୃଦୟଙ୍ଗମ କରିପାରନ୍ତ । ଯେଉଁ ସ୍ତ୍ରୀକୁ ତୁମ୍ଭର ଇହ ଜୀବନର ସମସ୍ତ ସୁଖର ଆକର

Digitized by PPRACHIN, SOA

ଧୂଦ୍ଧାଲ୍ ଜ୍ଞାନକର; ଯେଉଁ ସ୍ତ୍ରୀ-ପର ପତିପ୍ରାଣା ସ୍ତ୍ରୀ ଆଉ ଇହ ଜଗତରେ ନାହିଁ ବୋଲି ଧାରଣା ଅଛୁ, ତାହାକୁ ଥରେ ଦେଖ; ଥରେ ଚକ୍ଷୁ ଉନ୍ମୁକ୍ତ କର, ସମସ୍ତ ପ୍ରତ୍ୟକ୍ଷ ଦେଖିବ । ଅଉ ସଂସାରିକ ମୋହରେ ମୁଗ୍ଧ ହୋଇ ରୁହ ନାହିଁ । ତୁମ୍ଭର ଜୀବନର ଶେଷପର, ଆସି ପ୍ରବେଶ ସ୍ଥାନେ ତୁମ୍ଭଙ୍କୁ ଇହଲୀଳା ସମ୍ବରଣ କରିବାକୁ ହେବ । କିନ୍ତୁ ଧନ୍ୟ ମୋହନୀ, ଧନ୍ୟ ତୁମ୍ଭର ପତିପ୍ରେମ, ଧନ୍ୟ ତୁମ୍ଭର ସରଳତା ! ଯେ ଏକଦିନ ଏହି ସଂସାରକୁ ଅମଙ୍ଗଳ ବୋଲି ପ୍ରତୀୟମାନ କରୁଥିଲି ଆଜ ପୁଣି ତାହାର ଏହି କାର୍ଯ୍ୟ !"

ଦ୍ୱାଦଶ ପରିଚ୍ଛେଦ ।

ହତ୍ୟା ।

ଦିବ୍ୟସିଂହ ବୃନ୍ଦାବନ ଧାମରେ ପହଞ୍ଚି, ପିତାଙ୍କର ପୀଡ଼ା ଉପଶମ ହେବା ନିମିତ୍ତ ଯଥାସମ୍ଭବ ଯତ୍ନ କରୁଅଛନ୍ତି । ସମସ୍ତଙ୍କର ମନରେ ଅଶାର ସଞ୍ଚାର ହୋଇଅଛି । ଦିବ୍ୟସିଂହ ଯତ୍ନ ଓ ପରିଶ୍ରମର ସହିତ ଶୁଶ୍ରୂଷା କରୁଅଛନ୍ତି, ଜମିଦାର ମହାଶୟ ନିଶ୍ଚୟ ଶୀଘ୍ର ଆରୋଗ୍ୟ ଲାଭ କରିବେ । ଜମିଦାର ମହାଶୟଙ୍କର ନମୋନିଆ ସହିତ ଜ୍ୱର ପ୍ରବଳରୂପେ ହୋଇଥିଲେହେଁ ଚିକିତ୍ସକମାନଙ୍କର ଯତ୍ନରେ ଶୀଘ୍ର ଆରୋଗ୍ୟ ଲାଭକଲେ । ଜମିଦାରବାବୁ ଆରୋଗ୍ୟ ହେଲା ପରେ ଦିବ୍ୟସିଂହକୁ ପଚାରିଲେ ଯେ ମୋହନୀ ପାଖରେ କାହାକୁ ରଖି ଆସିଅଛ ? ସେ ମୋହନୀ ବିଷୟରେ ଯେପରି ବନ୍ଦୋବସ୍ତ କରି ଯାଇ-ଥିଲେ ତାହା ସମସ୍ତ ପିତାଙ୍କ ନିକଟରେ ବର୍ଣ୍ଣନ କଲେ । ସେଥିରେ ଜମିଦାର ମହାଶୟ ଅତିଶୟ ଦୁଃଖିତ ହେଲେ, କାରଣ ସେ ପୁରୁଣା କାଳର ଲୋକ ତାହାଙ୍କ ମନରେ ନାନାଦି ସନ୍ଦେହ ଜାତହେଲା ।

Digitized by PPRACHIN, SOA

ମୋହିନୀକୁ କଲିକତାରେ ଏପରି ଅବସ୍ଥାରେ ଛାଡ଼ିଦେଇ ଯିବା ତାହାଙ୍କର ଅନ୍ୟାୟ ହୋଇଅଛି; ତାହାଙ୍କୁ ସଙ୍ଗରେ ନେଇ ଯିବା ଉଚିତଥିଲା । "ଗତସ୍ୟଶୋଚନାନାସ୍ତି" ବଙ୍ଗର ଜମିଦାର ମହାଶୟ ସେହିଦିନ ଗାଡ଼ିରେ ହରିସିଂହଙ୍କୁ କଲିକତା ପ୍ରେରଣକଲେ, ହରିସିଂହ ସମସ୍ତଙ୍କୁ ପ୍ରଣାମକରି ଯଥା-ସମୟରେ ଆସି କଲିକତାରେ ପହୁଁଚିଲେ । କଲିକତାରେ ଆସି ପହୁଁଚି ଦେଖିଲେ ଯେ କୌଣସି ବିଷୟରେ କିଛି ଯତ୍ନ ହୋଇନାହିଁ, ମୋହିନୀ ନିକଟରୁ ଶୁଣିଲେ ଯେ ତାହାଙ୍କର ଅନୁପସ୍ଥିତ ସମୟରେ ହୃଷୀକେଶବାବୁ ତାହାଙ୍କର ସମସ୍ତ ତତ୍ତ୍ୱ ଅତ୍ୟନ୍ତ ଯତ୍ନର ସହିତ ନେଇଥାନ୍ତି; ମୋହିନୀ ପୂର୍ବେ ସେପରି ପ୍ରଣୟ ଦେଖାଉଥିଲା; ତାହା ଅପେକ୍ଷା ଦ୍ୱିଗୁଣରେ ପ୍ରଣୟ ଦେଖାଇ ସ୍ୱାମୀକୁ ଅଧିକ ଭଲ ପାଇଲେ, କିନ୍ତୁ ଅମାୟିକ ହରିସିଂହ ଆହାର ପରେ ଶୟନକରି ରହିଅଛନ୍ତି । ଏହି ସମୟରେ କପଟାଚାରୀ ହୃଷୀକେଶ ଗୁଳି ପୂର୍ଣ୍ଣକରି ଏକଗୋଟା ପିସ୍ତଲ ମୋହିନୀ ହସ୍ତରେ ଦେଇଗଲେ ମୋହିନୀ ଦେଖିଲା ଯେତେବେଳେ ସ୍ୱାମୀର ଗାଢ଼ନିଦ୍ରା ହୋଇଅଛି, ଏହିପରି ସମୟରେ ବକ୍ଷସ୍ଥଳକୁ ଲକ୍ଷକରି ପିସ୍ତଲ ଫାୟରକଲେ । ଦୁଇଟି ଗୁଳି ବକ୍ଷସ୍ଥଳରେ ବସି ଛଟପଟ ହୋଇ ହରିସିଂହ ଇହଲୀଳା ଶେଷକଲେ । ପିସ୍ତଲର ଶବ୍ଦ ପୁଲିସ ଇନସ୍ପେକ୍ଟରଙ୍କର କର୍ଣ୍ଣଗୋଚର ହୋଇଥିଲା, ସେ ତାହା ଶୁଣି, ଘଟଣାସ୍ଥଳରେ ଆସି ଦେଖିଲେ ଯେ ହରିସିଂହ ମାନବଲୀଳା ସମ୍ବରଣ କରିଅଛନ୍ତି ।

ମୋହିନୀ ନିସ୍ପନ୍ଦଭାବରେ ଦଣ୍ଡାୟମାନ ହୋଇଅଛି । ପୁଲିସ ଇନସ୍ପେକ୍ଟରଙ୍କ ନିକଟ ମୋହିନୀ ସମସ୍ତ ଦୋଷ ସ୍ୱୀକାର କଲେ । ପୁଲିସ ଇଜାହାର ଲେଖି ନିୟମିତରୂପେ ଚଲାଣ ଦେଲେ । ମାମଲା କ୍ରମେ ବିଚାର ହୋଇ ନିଷ୍ପତ୍ତି ହେବାକୁ ଲାଗିଲା ।

ତ୍ରୟୋଦଶ ପରିଚ୍ଛେଦ ।

ପରିତାପ ।

ଯଥା ସମୟରେ ହର୍ଯ୍ୟସିଂହଙ୍କର ଏପରିଭାବରେ ମୃତ୍ୟୁ ସମ୍ବାଦ ବୃନ୍ଦାବନ ଧାମରେ ଜମିଦାର ଗୋପୀନାଥ ମହାନ୍ତିଙ୍କର କର୍ଣ୍ଣଗୋଚର ହେଲା । ଜମିଦାର ଏବଂ ଅନ୍ନପୂର୍ଣ୍ଣା ଶୁଣି ଜ୍ଞାନ ଶୂନ୍ୟ ହୋଇ ପଡ଼ିଲେ ମୋହନର ବୃଦ୍ଧା ଦରିଦ୍ରା ମାତା ଜମିଦାରଙ୍କ ନିକଟରେ ଥିଲା । ସେ ଏ ସମସ୍ତ ବୃତ୍ତାନ୍ତ ଶୁଣି ହତଜ୍ଞାନ ହେଲା । ଜମିଦାର ଗୋପୀନାଥ ହାନ୍ତି ମୋହନର ବୃଦ୍ଧା ମାତା ଏବଂ ଅନ୍ନପୂର୍ଣ୍ଣା ବାତୁଳପରି ହୋଇ କଟକଠାରେ ଉପସ୍ଥିତ ହେଲେ, ସେ ସମୟ ପର୍ଯ୍ୟନ୍ତ ଉକ୍ତ ଶବ ମେଡ଼ିକେଲ ହାସପାତାଲରେ ରଖାଯାଇ ଥିଲା, ତାହା ଅଣାଇ ହିଧମତେ ହିନ୍ଦୁ ଶାସ୍ତ୍ରାନୁସାରେ ସତ୍କାର କରାଗଲା । ଜମିଦାର ଗୋପୀନାଥ ମହାନ୍ତି କଲିକତାରେ ଥିଲାବେଳେ ଶୁଣିଲେ ଯେ ଏହି ଦୋଷ ନିମିତ୍ତ ମୋହନର ପ୍ରାଣଦଣ୍ଡ ହୋଇଅଛି ଏବଂ ହୃଷୀକେଶ ବାବୁ ଯାବଜ୍ଜୀବନ ଦ୍ୱୀପାନ୍ତରିତ ହୋଇଅଛନ୍ତି । ଜମିଦାର ମହାଶୟ ବନ୍ତିପୁରରେ ପହଞ୍ଚି ସମସ୍ତ ସମ୍ପତ୍ତି ଜଗନ୍ନାଥ ଦେବଙ୍କ ନାମରେ ଅମୃତମଣୋହିରେ ଲଗାଇଦେଇ ଜୀବନର ଯେଉଁ ଅବଶିଷ୍ଟ ଅଂଶ ଥିଲା, ତାହା ସେମାନେ ବୈରାଗ୍ୟର ସହିତ ପୁରୀ ଧାମରେ ଯାପନ କଲେ, ମୋହନର ମାତା ମଧ୍ୟ ବୈରାଗ୍ୟ ଅବସ୍ଥାରେ ସେମାନଙ୍କ ସଙ୍ଗେ ପୁରୀ ଗଲେ, ସେହି ସ୍ଥାନରେ ସେମାନେ ପରଲୋକ ଗମନ-କଲେ । ହୃଷୀକେଶବାବୁ ମଧ୍ୟ କେତେକ ସମୟ ଦ୍ୱୀପରେ ବାସ କଲାପରେ ଅନୁତପ୍ତ ହୋଇ ପ୍ରାଣ ହରାଇଲେ ।

Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ପରିଣାମ ।

ପାଠକେ ! ଏ ସଂସାରଚକ୍ରଟିକୁ ଅମୂଳ ପାଠକର ଦେଖିବା ଦେଉଛନ୍ତି; ପରିଣାମରେ କିପରି ମନ୍ଦଫଳ ଜାତହେଲା । ଯଦ୍ୟପି ଦେବୀ ସିଂହବାବୁ ସ୍ତ୍ରୀ ସହିତ କଲିକତା ଯାଇ ସ୍ତ୍ରୀଙ୍କୁ ଅପର ପୁରୁଷର ତତ୍ତ୍ୱାଧୀନରେ ରଖି ପିତାଙ୍କ ନିକଟ ବୃନ୍ଦାବନ ନ ଯାନ୍ତେ ତେବେ ତାଙ୍କୁ ଶେଷରେ ଏପରି କଷ୍ଟ ଭୋଗକରିବାକୁ ହୁଅନ୍ତାନାହିଁ, ତାଙ୍କର ଅବିଚାର ଯୋଗୁଁ ସର୍ବନାଶ ଘଟିଲା । ଯେଉଁ ମୋହିନୀ ଅଦଶାର ସ୍ୱାମୀଙ୍କୁ ଦେବତା ତୁଲ୍ୟ ମାନୁଥିଲେ ଏବଂ ଅତୁଳନୀୟ ପ୍ରେମ, ଭକ୍ତି, ସରଳ । ଇତ୍ୟାଦି ଦ୍ୱାରା ସ୍ୱାମୀଙ୍କର ହୃଦୟତୋଷିଣୀ ହୋଇଥିଲେ ସେହି ମୋହିନୀ ଅପର ପୁରୁଷର ଶଠତା ଓ କୁମନ୍ତ୍ରଣା ଦ୍ୱାରା ପୈଶାଚିକ ବୃତ୍ତି ଅବଲମ୍ବନ କରି ଶେଷରେ ପତିଘାତିନୀ ହୋଇ ପ୍ରାଣଦଣ୍ଡରେ ଦଣ୍ଡିତ ହେଲେ । କପଟାଚାରୀ ହୃଷୀକେଶବାବୁଙ୍କର ଯାବଜ୍ଜୀବନ ଦ୍ୱୀପାନ୍ତର ହୋଇ ଦ୍ୱୀପରେ ପ୍ରାଣନାଶ ହେଲା । ଜମିଦାର ଓ ଅନ୍ନପୂର୍ଣ୍ଣା ସଙ୍ଗାତିପନ୍ନହୋଇ ସୁଦ୍ଧା ଉପଯୁକ୍ତ ପୁତ୍ର ଓ ବଧୂଙ୍କର ଏପରି ଦଶା ଯେତେବେଳେ ସନ୍ଦର୍ଶନକଲେ ତେତେବେଳେ ସମୁଦାୟ ସମ୍ପତ୍ତି ଅମୃତମଣୋହରରେ ଖଞ୍ଜାକରି ଦେଇ ଶ୍ରୀକ୍ଷେତ୍ରରେ ଦିନାତିପାତ କରିବାକୁ ଲଗିଲେ । ମୋହିନୀର ମାତାର କେହି ନ ଥିବାରୁ ତାଙ୍କୁ ସଙ୍ଗରେ ଶ୍ରୀକ୍ଷେତ୍ରକୁ ଘେନଗଲେ ଏବଂ ସେମାନଙ୍କର ସେହିଠାରେ କ୍ରମେ୨ ମୃତ୍ୟୁ ହେବାକୁ ଲଗିଲା । ମୋହିନୀ ଓ ହୃଷୀକେଶବାବୁଙ୍କର ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଫଳ ଭୋଗ ହୋଇ ଯାଇଅଛି । ଅତଏବ ମୋହର ନବୋଦ୍ୟମ ଆଖ୍ୟାୟିକାର ଯବନିକା ଏହି ସ୍ଥାନରେ ପତନ କରି ପ୍ରିୟ ପାଠକ ପାଠିକାମାନଙ୍କ ନିକଟରୁ ବିଦାୟ ନେଲି ।

ସମାପ୍ତ ।

Printed by H. K. Das. at the Chandrodaya Press, Cuttack.

Digitized by PPRACHIN, SOA